# ECHO OF HIS CALL

## ଆହ୍ୱାନର ପ୍ରତିଧ୍ୱନି

ODIA

India's National Spiritual Newspaper


₹ 10/-

REACHING NATIONS

Published monthly in ENGLISH, TAMIL, MALAYALAM, TELUGU, HINDI, KANNADA, MARATHI, BENGALI, GUJARATI, ODIYA, ASSAMESE, PUNJABI, NEPALI, URDU, SINHALA & AFRIKAN

Editor : S. SAM SELVA RAJ | 16 Languages | Associate Editor : Sis. SURAMA SAMUEL

Vol. XXVII YEAR OF OUR LORD JESUS CHRIST, 2025 JULY No.05

## ପବିତ୍ର ବାଇବଲ

### (ଏହି ଭାଗଟିକୁ ମୁଖସ୍ଥ କରନ୍ତୁ)

(ଗୀତସଂହିତା ୮:୧-୯)

୧ ହେ ସଦାପ୍ରଭୋ, ଆମ୍ଭମାନଙ୍କର ପ୍ରଭୋ, ସମୁଦାୟ ପୃଥିବୀରେ ତୁମ୍ଭର ନାମ କିପରି ମହିମାନ୍ୱିତ ! ତୁମ୍ଭେ ଆକାଶମଣ୍ଡଳ ଉପରେ ଆପଣା ଗୌରବ ସ୍ଥାପନ କରିଅଛ ।

୨ ତୁମ୍ଭେ ଶତ୍ରୁ ଓ ପ୍ରତିହିଂସକକୁ ଦମନ କରିବା ପାଇଁ ଆପଣା ବିପକ୍ଷଗଣ ସକାଶେ ଶିଶୁ ଓ ଦୁଗ୍‌ଧପୋଷ୍ୟ-ମାନଙ୍କ ମୁଖରୁ ପରାକ୍ରମ ପ୍ରତିପନ୍ନ କରିଅଛ ।

୩ ମୁଁ ତୁମ୍ଭ ଅଙ୍ଗୁଳିକୃତ ତୁମ୍ଭ ଆକାଶମଣ୍ଡଳ, ତୁମ୍ଭର ନିରୂପିତ ଚନ୍ଦ୍ର ଓ ନକ୍ଷତ୍ରଗଣକୁ ବିବେଚନା କଲେ (କହେ,)

୪ ମନୁଷ୍ୟ କିଏ ଯେ, ତୁମ୍ଭେ ତାହା ବିଷୟରେ ମନୋଯୋଗୀ ହେଉଅଛ ? ଓ ମନୁଷ୍ୟର ସନ୍ତାନ କିଏ ଯେ, ତୁମ୍ଭେ ତାହାର ତତ୍ତ୍ୱାବଧାନ କରୁଅଛ ?

୫ ପୁଣି, ତୁମ୍ଭେ ତାହାକୁ ଦୂତଗଣଙ୍କ ଅପେକ୍ଷା ଅଳ୍ପମାତ୍ର ନ୍ୟୁନ କରିଅଛ, ଆଉ ଗୌରବ ଓ ସମ୍ଭ୍ରମରୂପ ମୁକୁଟରେ ତାହାକୁ ଭୂଷିତ କରୁଅଛ ।

୬ ତୁମ୍ଭେ ଆପଣା ହସ୍ତକୃତ ସକଳ କର୍ମ ଉପରେ ତାହାକୁ କର୍ତ୍ତୃତ୍ୱ ଦେଉଅଛ; ତୁମ୍ଭେ ତାହାର ପଦ ତଳେ ସମୁଦାୟ ବିଷୟ ରଖିଅଛ;

୭ ଗୋମେଷାଦିସକଳ, ହଁ, ବନ୍ୟ ପଶୁଗଣ;

୮ ଆକାଶର ପକ୍ଷୀଗଣ ଓ ସମୁଦ୍ରର ମତ୍ସ୍ୟଗଣ, ସମୁଦ୍ରପଥଗାମୀ ସକଳ ହିଁ ରଖିଅଛ ।

୯ ହେ ସଦାପ୍ରଭୋ, ଆମ୍ଭମାନଙ୍କ ପ୍ରଭୋ, ସମୁଦାୟ ପୃଥିବୀରେ ତୁମ୍ଭର ନାମ କିପରି ମହିମାନ୍ୱିତ ।

## ଆପଣ ଫଳ ଧାରଣ କରିବା ପାଇଁ ମନୋନୀତ ହୋଇଛନ୍ତି !

YOU ARE CHOSEN TO BEAR FRUIT!

ଭଉଣୀ ଆଞ୍ଜେଲ୍





ଆମର ପ୍ରଭୁ ଓ ତ୍ରାଣକର୍ତ୍ତା, ଯୀଶୁ ଖ୍ରୀଷ୍ଟଙ୍କର ଅତୁଳନୀୟ ନାମରେ ଆପଣମାନଙ୍କୁ ଅଭିବାଦନ !

ମୁଁ ୨୦୨୫ର ଅର୍ଦ୍ଧେକଭାଗ ମଧ୍ୟକୁ ଅଗ୍ରସର ହେବା ପାଇଁ ଆମକୁ ଅନୁମତି ଦେଇଥିବାରୁ ଈଶ୍ୱରଙ୍କୁ ଧନ୍ୟବାଦ ଓ ପ୍ରଶଂସା ଦେଉଅଛି । ତାଙ୍କର ବିଶ୍ୱସ୍ତତା ମହାନ୍ ଅଟେ ।

ଆମେ ଏହି ବର୍ଷ ଆଗକୁ ବଢୁଥିବା ସମୟରେ, ଆମ ମଧ୍ୟରୁ କେତେ ଜଣ ଆମର ନୂତନ ବର୍ଷର ସଂକଳ୍ପଗୁଡ଼ିକୁ ଏପର୍ଯ୍ୟନ୍ତ ଦୃଢ଼ ଭାବରେ ପାଳନ କରୁଅଛୁ ବୋଲି ମୁଁ ଚିନ୍ତା କରୁଛି । ଆମେ ଆଜି ଯାହା ଅଟୁ, ତାହା ଆମେ ଗତ କାଲି ନେଇଥିବା ନିଷ୍ପତ୍ତି ଓ ମନୋନୟନଗୁଡ଼ିକର ଫଳ ଅଟେ । ସମାନ ଭାବରେ, ଆମେ ଆସନ୍ତା କାଲି ଯେଉଁଠାରେ ରହିବା, ତାହା ଆଜି ଆମେ ନେଉଥିବା ନିଷ୍ପତ୍ତିଗୁଡ଼ିକ ଉପରେ ନିର୍ଭର କରିବ । ପ୍ରତ୍ୟେକ ନିଷ୍ପତ୍ତି ପରିଣାମ ବହନ କରେ ।

ପ୍ରତିଦିନ, ଆମେ ଅସଂଖ୍ୟ ନିଷ୍ପତ୍ତିର ସମ୍ମୁଖୀନ ହେଉ, ଯଥା – କ'ଣ ଖାଇବୁ, କ'ଣ ପିନ୍ଧିବୁ, କାର୍ଯ୍ୟକୁ ଯିବୁ କି ନାହିଁ, ଇତ୍ୟାଦି । ଆମେ ଉପଲବ୍ଧି ନ କରିଲେ ସୁଦ୍ଧା, ପ୍ରାୟ ଶହ ଶହ ନିଷ୍ପତ୍ତି ନେଇଥାଉ ।

(ଅବଶିଷ୍ଟାଂଶ ୩ର୍ଥ ପୃଷ୍ଠାରେ)




ଆହ୍ୱାନର ପ୍ରତିଧ୍ୱନିର

ୟୁ-ଟ୍ୟୁବ୍ ଖ୍ରୀଷ୍ଟିଆନ ଚ୍ୟାନେଲ !

ଆପଣମାନେ ପାଳକ ଏସ୍. ସାମ୍. ସେଲ୍‌ଭାରାଜ୍‌ଙ୍କ ସହିତ

୫ ମିନିଟ୍‌ର ବାର୍ତ୍ତା !!

ଇଂରାଜୀ, ହିନ୍ଦୀ, ତାମିଲ ଏବଂ ତେଲୁଗୁ

ପ୍ରତିଦିନ ଭୋର ୨ ଟାରେ


ତାମିଲ ରବିବାର ଉପାସନା – ସକାଳ ୮.୩୦ରେ

* Please Subscribe and Share *

ECHO OF HIS CALL - (1969-2019 GOLDEN JUBILEE YEAR)

REACHING NATIONS

# ଆପଣମାନଙ୍କର ପ୍ରିୟ ଭାଇଙ୍କଠାରୁ ...





**"ଯେହେତୁ ସଦାପ୍ରଭୁ ତୁମ୍ଭର ବିଶ୍ୱାସଭୂମି ହେବେ, ସେ ତୁମ୍ଭର ପାଦ ଫାନ୍ଦରୁ ରକ୍ଷା କରିବେ"**

\- ହିତୋପଦେଶ ୩:୨୬

**ଆମର ମିଶନ ପଲିସୀ**

ଆମେ ପ୍ରାଚୀନ ଓ ଆଦ୍ୟ ପ୍ରେରିତମାନଙ୍କର ଅମିଶ୍ରିତ ଶିକ୍ଷା ସମସାମୟିକ ଯୁଗକୁ ଜଣାଇବା ଉଚିତ ।

HON. EDITOR-IN-CHIEF
Rev. Angeline S. Kumari, M.A., M.Sc., M.Ed.
EX MANAGING EDITOR
Pastor Alex Samson Sam, B.Th., M.Div.
GENERAL MANAGER
Bro. N. Prakasam, M.A., M.Sc.(C&P), PGDHRM, MBA.
ADMINISTRATION
Sis. Jesy Veena Sam
Adv. K. Puratchivendan, M.Com., C.A., B.L.
Dr. P.E.R. Premchand, M.Sc., M.A., M.Ed., Ph.D.
Dr. C.G.S. Baburao, B.Tech., M.Tech. (DM), Ph.D.
Dr. Rabinder Boaz, M.S. (CMC)
EDITORIAL BOARD
Dr. Serena Bevin, M.A., M.Phil., B.Ed.
Sis. Sajini Cherian
Rev. Dr. K.R. Rajasekaran
Rev. Dr. William Robert, Ph.D., DD, D.Lit.
EDITOR, PUBLISHER & PRINTER

Pastor S. SAM SELVA RAJ
Echo of His Call Printers
10, Mohammed Abdullah 2nd Street,
Chepauk, Chennai- 600 005, India.
Phone : (+ 91- 44) 2852 8282, 2852 9293, 2854 7766
Cell : (+91) 98410 71852, 98412 71858 95661 31858
E.MAIL
sam@echoofhiscall.org
biblecor@yahoo.co.in
WEBSITES
www.echoofhiscall.org
www.stpaulsmatriculation.org
YOUTUBE CHANNEL
Echo of His Call

**ଖ୍ରୀଷ୍ଟ ଯୀଶୁରେ ପ୍ରିୟ ବନ୍ଧୁଗଣ,**

ଆମର ପ୍ରଭୁ ଓ ତ୍ରାଣକର୍ତ୍ତା ଯୀଶୁ ଖ୍ରୀଷ୍ଟଙ୍କ ବହୁମୂଲ୍ୟ ନାମରେ ଆପଣମାନଙ୍କୁ ଉଷ୍ଣ ଅଭିବାଦନ ।

ଈଶ୍ୱରଙ୍କ ସାର୍ବଭୌମ ଅନୁଗ୍ରହ ଦ୍ୱାରା, ଆମେ ଜୁନ୍ ଭଳି ଏକ ବିଶେଷ ମାସ ମଧ ଦେଇ ଆସିଅଛୁ । ଏହା ଆମ ସେବାକାର୍ଯ୍ୟର ବିଭିନ୍ନ କ୍ଷେତ୍ରରେ ଅତିରିକ୍ତ କାର୍ଯ୍ୟରେ ପରିପୂର୍ଣ୍ଣ ସମୟ ଥିଲା । **ଆହ୍ୱାନର ପ୍ରତିଧ୍ୱନି ପତ୍ରିକା,** ସୁସମାଚାର ଛାପାକଳ, ମୁଖ୍ୟ ମଣ୍ଡଳୀ ଓ ଶାଖା ମଣ୍ଡଳୀସମୂହ, **ବାଇବଲ କୋର** – ବାଇବଲ କରେସ୍ପଣ୍ଡେସ୍ କୋର୍ସ (ମୌଳିକ), **ଥିଓଲୋଜିକାଲ କରେସପଣ୍ଡେସ କୋର୍ସ, ନିହିମିୟା ବାଇବଲ କଲେଜ, ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ଖ୍ରୀଷ୍ଟିଆନ ଇଂରାଜୀ ହାଇସ୍କୁଲ,** ଛୁଟୀଦିବସୀୟ ପିଲାମାନଙ୍କର ସେବାକାର୍ଯ୍ୟ, ଯୁବସେବାକାର୍ଯ୍ୟ, ଡାକ୍ତରଖାନା ସେବାକାର୍ଯ୍ୟ, ପୁରୁଷ ଓ ମହିଳାମାନଙ୍କର ସେବାକାର୍ଯ୍ୟ, ମିଶନ କେନ୍ଦ୍ରଗୁଡ଼ିକ, ୟୁ–ଟ୍ୟୁବ ସେବାକାର୍ଯ୍ୟ ଓ ଆମର ପ୍ରଶାସନିକ ଦଳ ଓ ପରିବାର ସହିତ ଅନ୍ୟ ଅନେକ ।

ଶହ ଶହ ସମର୍ପିତ ବ୍ୟକ୍ତିମାନେ ଏହି ବିଭିନ୍ନ କ୍ଷେତ୍ରରେ ବିଶ୍ୱସ୍ତ ଭାବରେ ପରିଶ୍ରମ କରୁଛନ୍ତି । ଆମର ମୁଖ୍ୟ ନେତାମାନେ ମାସିକ ପ୍ରାର୍ଥନା, ଗୁରୁତ୍ୱପୂର୍ଣ୍ଣ ଯୋଜନା ନିମନ୍ତେ ଓ କ୍ଷେତ୍ରରୁ ମିଳୁଥିବା ଉତ୍ସାହଜନକ ପ୍ରତିକ୍ରିୟାଗୁଡ଼ିକର ସମୀକ୍ଷା ନିମନ୍ତେ ସର୍ବଦା ଏକତ୍ରିତ ହେଉଛନ୍ତି ।



**ମୁଖ୍ୟ ନେତାମାନେ ମଣ୍ଡଳୀରେ ମାସିକ ପ୍ରାର୍ଥନା ପାଇଁ ଏକତ୍ରିତ ହୋଇଥିଲେ ।**

୨୦୨୫ ଜୁନ ୭ ତାରିଖରେ, ସେଣ୍ଟ ପଲ୍ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ପରିସରରେ, ଆମର ବିଶେଷ ଯୁବ ଶିବିର ଅନୁଷ୍ଠିତ ହୋଇଥିଲା । ସେଥିରେ ୨୦୦ରୁ ଊର୍ଦ୍ଧ୍ୱ ଯୁବକଯୁବତୀ ଯୋଗ ଦେଇଥିଲେ । ଯୁବାମାନେ ସେମାନଙ୍କ ଭବିଷ୍ୟତ ପାଇଁ ଓ ସେମାନଙ୍କର ଆହ୍ୱାନ ପାଇଁ ସ୍ୱର୍ଗୀୟ ଦର୍ଶନ ପାଇଥିବାରୁ, ଏହା ଅଭିଷେକର ଏକ ଶକ୍ତି ପୂର୍ଣ୍ଣ ସମୟ ଥିଲା । ଆମେ ସେମାନଙ୍କ ଜୀବନରେ ବାସ୍ତବ ଆତ୍ମିକ ପରିବର୍ତ୍ତନ ଆରମ୍ଭ ହୋଇଥିବାର ଦେଖିଅଛୁ । ଉଲ୍ଲେଖନୀୟ ବିଷୟ ଯେ ସେମାନଙ୍କର ନୂତନୀକୃତ ଜୀବନ ସେମାନଙ୍କ ପରିବାରରେ ବିଶେଷ ଭାବରେ, ସେମାନଙ୍କ ପିତାମାତାଙ୍କ ମଧ୍ୟରେ ସୁଦ୍ଧା ସକାରାତ୍ମକ ପରିବର୍ତ୍ତନକୁ ପ୍ରେରଣା ଦେଉଅଛି । ଆମେ ଈଶ୍ୱରଙ୍କ ଆତ୍ମାଙ୍କର ଏହି ବଡ଼ ପଦକ୍ଷେପ ପାଇଁ ତାଙ୍କୁ ସମସ୍ତ ଗୌରବ ଦେଉଅଛୁ ।

Our Ministries: ECHO OF HIS CALL Monthly Magazines (16 languages) BIBLECOR - Postal Courses (3 languages) YouTube Ministry Online Courses Theological Correspondence Courses (2 languages) Church Planting Nehemiah Bible Colleges Gospel Printing Press Great Commission Partners St. Paul's Matriculation School Crusades Community Development





ଯୁବ ଶିବିର

*ଆମେ ଆମ ଚେପକ୍‌ସ୍ଥିତ ମୁଖ୍ୟମଣ୍ଡଳୀ ଓ ସନ୍ତୋଷପୁରମ୍‌ସ୍ଥିତ ଶାଖା ମଣ୍ଡଳୀରେ ଜୁନ୍ ୨୦ ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ‘‘ପରିବାର ଆଶୀର୍ବାଦ ଶିବିର’’ ପାଇଁ ଈଶ୍ୱରଙ୍କୁ ଧନ୍ୟବାଦ ଦେଉଅଛୁ । ପ୍ରଭୁ ଅନୁଗ୍ରହ ପୂର୍ବକ ତାଙ୍କର ଆଶୀର୍ବାଦ ଢ଼ାଳି ଦେଇଥିଲେ, ଓ ଆମେ ଏକ ପ୍ରଚୁର ଆତ୍ମିକ ଫସଲକୁ ଦେଖିଥିଲୁ । ଆପଣ ମାନଙ୍କର ବିଶ୍ୱସ୍ତ ପ୍ରାର୍ଥନା ନିମନ୍ତେ ଆପଣମାନଙ୍କୁ ଧନ୍ୟବାଦ ।*

*ଆମେ ବିନମ୍ର ଭାବରେ ଆମର ସମସ୍ତ ସେବକ ଓ ଆମର ବିଭିନ୍ନ ସେବାକାର୍ଯ୍ୟ ନିମନ୍ତେ ଆପଣମାନଙ୍କର ନିରବଚ୍ଛିନ୍ନ ପ୍ରାର୍ଥନା ଚାହୁଁଅଛୁ । ଆମେ ଅନ୍ଧକାରର ଶକ୍ତି ବିରୁଦ୍ଧରେ ଚାଲିଥିବା ଆତ୍ମିକ ଯୁଦ୍ଧର ସମ୍ମୁଖ ଧାଡ଼ିରେ ଠିଆ ହୋଇଥିବାରୁ, ଅନେକ ଆହ୍ୱାନ ଓ ପ୍ରତିବନ୍ଧକର ସମ୍ମୁଖୀନ ହେଉଅଛୁ । ଆପଣମାନଙ୍କର ପ୍ରାର୍ଥନା ଓ ସହାୟତାର ଅର୍ଥ ଆମ ପାଇଁ ଅପ୍ରକାଶ୍ୟ ଅଟେ ।*

*ଈଶ୍ୱର ଆପଣମାନଙ୍କୁ ବହୁଳଭାବରେ ଆଶୀର୍ବାଦ କରନ୍ତୁ,*

**ଆହ୍ୱାନର ପ୍ରତିଧ୍ୱନି ପରିବାର**

E.mail : sam@echoofhiscall.org

(୧ମ ପୃଷ୍ଠାର ଅବଶିଷ୍ଟାଂଶ)

ଏହି ସମସ୍ତ ନିଷ୍ପତ୍ତିଗୁଡ଼ିକ ମଧ୍ୟରେ, ଯୀଶୁ ଖ୍ରୀଷ୍ଟଙ୍କର ଏହି ସ୍ୱର ଶୁଣନ୍ତି : ‘‘ମୁଁ ତୁମକୁ ମନୋନୀତ କରିଛି ।’’

ଯୋହନ ୧୫:୧୬ରେ ଲେଖାଅଛି, **‘‘ତୁମ୍ଭେମାନେ ମୋତେ ମନୋନୀତ କରି ନାହଁ, କିନ୍ତୁ ମୁଁ ତୁମ୍ଭମାନଙ୍କୁ ମନୋନୀତ କରିଅଛି ...।’’**

ଏହି ପଦ ଆତ୍ମ-ଦୃଢ଼ତା ସମ୍ବନ୍ଧୀୟ ଆମର ଆଧୁନିକ ମତକୁ ଆହ୍ୱାନ ଜଣାଏ । ଆମେ ପ୍ରାୟ ଆମର ମନୋନୟନରେ, ବିଶେଷ ଭାବରେ ଆମର ଆତ୍ମିକ ଆଚରଣରେ ଗର୍ବ ଅନୁଭବ କରୁ । ମାତ୍ର ଯୀଶୁ ଖ୍ରୀଷ୍ଟ ସେହି ଦୃଷ୍ଟିକୋଣକୁ ଓଲଟପାଲଟ କରିଛନ୍ତି । ଆରମ୍ଭରୁ, ଈଶ୍ୱର ଆମକୁ ତାଙ୍କ ନିଜ ନିକଟକୁ ଆକର୍ଷଣ କରିଛନ୍ତି ।

ପ୍ରାଚୀନ ଯିହୁଦୀ ପରଂପରାରେ, ଶିଷ୍ୟମାନେ ହିଁ ସେମାନଙ୍କ ଗୁରୁମାନଙ୍କୁ ଅନ୍ୱେଷଣ କରୁଥିଲେ । ମାତ୍ର ଯୀଶୁ ଖ୍ରୀଷ୍ଟ ଏହି ପ୍ରଥାକୁ ଓଲଟାଇ ଦେଇଛନ୍ତି – ସେ ନିଜେ ଆମକୁ ମନୋନୀତ କରନ୍ତି ।

## ୧. ପରିସରକୁ ବୁଝିବା

ଏହି ପଦର ଗଭୀରତାକୁ ବୁଝିବା ପାଇଁ, ସେହି ପରିସରକୁ ବିଚାର କରିବା ଗୁରୁତ୍ୱପୂର୍ଣ୍ଣ ଅଟେ, ଯେଉଁଠାରେ ଯୀଶୁ ଏହା କହିଥିଲେ – ଅର୍ଥାତ୍, ସେହି ସମୟରେ ଐତିହାସିକ ସ୍ଥିତି ଓ ନିଜ ଶିଷ୍ୟମାନଙ୍କର ମାନସିକ ସ୍ଥିତି ।




## ଅତି ଜରୁରୀ ବିଜ୍ଞାପନ

ନିକଟ ଭବିଷ୍ୟତ୍‌ରେ ‘‘ଆହ୍ୱାନର ପ୍ରତିଧ୍ୱନି’’କୁ ଡାକ ଯୋଗେ ପ୍ରେରଣ କରିବାରେ ବାଧା ସୃଷ୍ଟି ହୋଇପାରେ । ଯଦି ଆପଣମାନେ ବିନା ବାଧାରେ ଆହ୍ୱାନର ପ୍ରତି ଧ୍ୱନି ପତ୍ରିକା ପାଇବାକୁ ଇଚ୍ଛା କରୁଛନ୍ତି, ତେବେ ଦୟାକରି ଆମକୁ ଆପଣମାନଙ୍କର ନାମ, ଠିକଣା, ଇ-ମେଲ ଓ ହ୍ୱାଟସ୍‌ଆପ୍ ନମ୍ବର, ପତ୍ର, ଇ-ମେଲ, ଫୋନ୍ କିମ୍ବା ଏସ୍‌ଏମ୍‌ଏସ୍/ ହ୍ୱାଟସ୍‌ଆପ୍ ମେସେଜ୍ ମାଧ୍ୟମରେ ଅତିଶୀଘ୍ର ପ୍ରେରଣ କରନ୍ତୁ । ଆପଣମାନଙ୍କ ସାହାଯ୍ୟ ଉତ୍କୃଷ୍ଟତର ସେବା କରିବାରେ ଆମକୁ ସାହାଯ୍ୟ କରିବ ।

ଆମର ଠିକଣା :

**ECHO OF HIS CALL,**
10, Mohammed Abdullah 2nd Street, Chepauk, Chennai-600 005, India
Cell: (+91) 98412 71858 / 98410 71858 E.mail: sam@echoofhiscall.org



## ପ୍ରାର୍ଥନା ଅନୁରୋଧ

ଦୟାକରି ୨୦୨୫ ଅଗଷ୍ଟ ୮-୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଥିବା ଆମର ତିନି ଦିବସୀୟ ପାରିବାରିକ ଶିବିରକୁ ଆପଣମାନଙ୍କ ପ୍ରାର୍ଥନାରେ ତୋଳି ଧରନ୍ତୁ ।

## ୨. ଐତିହାସିକ ପରିସର !

ଯୀଶୁ ଖ୍ରୀଷ୍ଟ ଯୋହନ ୧୫:୧୬କୁ ତାଙ୍କର ଶେଷ ନିସ୍ତାର ପର୍ବର ଭୋଜ ସମୟରେ କହିଥିଲେ – ସେହି ସମୟଟି ଯିହୁଦୀମାନଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଥିଲା କାରଣ ଏହା ଏକ ଜାତି ଭାବରେ ସେମାନଙ୍କର ପରିଚୟ ଓ ଉଦ୍ଧାରକୁ ସ୍ମରଣ କରାଇ ଦେଉଥିଲା । ଏହି ପବିତ୍ର ସମାବେଶରେ, ଯୀଶୁ ଖ୍ରୀଷ୍ଟ ଈଶ୍ୱରଙ୍କ ଲୋକ ହେବାର ଅର୍ଥ କ'ଣ, ତାହାର ପୁନଃ ନାମକରଣ କରିଥିଲେ ।

ସେ, ଖୁବ୍ ସମ୍ଭବତଃ, ଯିରୂଶାଲମରେ ଅନ୍ୟ ଜଣେ ବ୍ୟକ୍ତିର ଗୋଟିଏ ଉପର କୋଠରୀରେ ତାଙ୍କ ୧୨ ଜଣ ଶିଷ୍ୟଙ୍କ ସହିତ ବସିଥିଲେ । ଏହିଠାରେ ହିଁ ସେ ପ୍ରଭୁଭୋଜ ବିଧି ସ୍ଥାପନ କରିଥିଲେ । ସେହି ସ୍ଥିତିରେ, ସେ ତାଙ୍କର ଅନ୍ତିମ ଶିକ୍ଷା – ତାଙ୍କର ବିଦାୟ କାଳୀନ ଉପଦେଶ ପ୍ରଦାନ କରିଥିଲେ । ଏଗୁଡ଼ିକ ସାଧାରଣ ମନ୍ତବ୍ୟ ନୁହେଁ, ସେଗୁଡ଼ିକ ତାଙ୍କ ପ୍ରସ୍ଥାନ ପରେ ଶିଷ୍ୟମାନଙ୍କୁ ପ୍ରସ୍ତୁତ କରିବା ପାଇଁ ଓ ବଞ୍ଚେଇ ରଖିବା ପାଇଁ ଉଦ୍ଦିଷ୍ଟ ଗୁରୁତ୍ୱପୂର୍ଣ୍ଣ ସତ୍ୟ ଅଟେ । ଏହା ଯୀଶୁ ଖ୍ରୀଷ୍ଟଙ୍କର ଅନ୍ତିମ ସମୟରେ ତାଙ୍କ ବାକ୍ୟର ଅତ୍ୟାବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋକପାତ କରିଛି । ସେଗୁଡ଼ିକ ପ୍ରେମରେ ଓ ସ୍ୱର୍ଗୀୟ ଦୃଷ୍ଟିକୋଣ ସହିତ କୁହାଯାଇଥିବା ଗଭୀର ଉଦ୍ଦେଶ୍ୟ ବିଶିଷ୍ଟ ବାକ୍ୟ ଅଟେ ।

## ୩. ଶିଷ୍ୟମାନଙ୍କର ମାନସିକ ଅବସ୍ଥା

ଶିଷ୍ୟମାନଙ୍କର ମାନସିକ ଓ ଆବେଗିକ ଅବସ୍ଥାକୁ କଳ୍ପନା କରନ୍ତୁ । ସେମାନେ ତିନି ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଯୀଶୁ ଖ୍ରୀଷ୍ଟଙ୍କ ସହିତ ରହିଥିଲେ – ତାଙ୍କ ସହିତ ଗମନାଗମନ କରିଥିଲେ, ତାଙ୍କ ସହିତ ଭୋଜନ କରିଥିଲେ, ତାଙ୍କ ପାଖେ ପାଖେ ରହି ସେବାକାର୍ଯ୍ୟ କରିଥିଲେ ଓ ତାଙ୍କଠାରୁ ରାତିଦିନ ଶିକ୍ଷା ଗ୍ରହଣ କରି ସମୟ କାଟିଥିଲେ । ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ସେମାନେ ସ୍ୱେଚ୍ଛାରେ ଓ ସଂପୂର୍ଣ୍ଣ ହୃଦୟର ସହିତ ତାଙ୍କର ଅନୁଗମନ କରିବା ପାଇଁ ସେମାନଙ୍କର ସବୁକିଛି ପରିତ୍ୟାଗ କରିଥିଲେ ।

ବର୍ତ୍ତମାନ, ହଠାତ୍ ସେମାନେ ସେମାନଙ୍କ ଗୁରୁଙ୍କଠାରୁ ଦୁଃଖଦାୟକ କଥା ଶୁଣୁଥିଲେ, ସେ ମୃତ୍ୟୁବରଣ କରିବାକୁ ଯାଉଛନ୍ତି, ସେମାନଙ୍କ ମଧ୍ୟରୁ ଜଣେ ତାଙ୍କ ପ୍ରତି ବିଶ୍ୱାସ ଘାତକତା କରିବ ଓ ଅନ୍ୟ ଜଣେ ତାଙ୍କୁ ଅସ୍ୱୀକାର କରିବ । ସେମାନେ ଯେଉଁ ପ୍ରକାର ବିଚଳିତ ହୋଇଥିବେ, ତାହା ଆପଣ କଳ୍ପନା କରି ପାରୁଛନ୍ତି କି ? ସେମାନଙ୍କର ସମଗ୍ର ଜଗତ ସେମାନଙ୍କ ପାଦତଳେ କମ୍ପିତ ହେଉଥିଲା ।

ହୁଏତ ଏହାକୁ ପାଠ କରୁଥିବା ସମୟରେ, ଆପଣମାନଙ୍କ ମଧ୍ୟରୁ କେତେଜଣ ସେହି ସମାନ ସ୍ଥାନରେ ଅଛନ୍ତି ଯେଉଁଠାରେ ଆପଣଙ୍କ ଜଗତ, ଆପଣଙ୍କ ଆଶା ଓ ଆପଣଙ୍କ ବିଶ୍ୱାସ ଭୁଷୁଡ଼ି ପଡ଼ିବା ଭଳି ମନେ ହେଉଛି । ଆପଣ ହୁଏତ ପଚାରୁଛନ୍ତି, "ମୁଁ କେଉଁ ବିଷୟକୁ ଧରି ରଖିପାରିବି ?" ଯଦି ଆପଣ ସେହି ସ୍ଥିତିରେ ଅଛନ୍ତି, ତେବେ ଏହା ଜାଣନ୍ତୁ : "ଈଶ୍ୱରଙ୍କ ନିକଟରେ ଆପଣଙ୍କ ନିମନ୍ତେ ଏକ ବିଶେଷ ବାର୍ତ୍ତା ଅଛି ।"

ନିର୍ଣ୍ଣାୟକ ଶିକ୍ଷା ସର୍ବାଧିକ ଅନପେକ୍ଷିତ ମୁହୂର୍ତ୍ତରେ, ବିଶେଷ ଭାବରେ ସମସ୍ୟାପୂର୍ଣ୍ଣ ସମୟରେ ଆବିର୍ଭୂତ ହୁଏ, ଏହିପରି ଏକ ମୁହୂର୍ତ୍ତରେ ହିଁ ଯୀଶୁଖ୍ରୀଷ୍ଟ ଫଳ ଧାରଣ କରିବା ପାଇଁ ନିଜର ଶିଷ୍ୟମାନଙ୍କୁ ଏହି ସମସ୍ତ ବାକ୍ୟ କହିଥିଲେ । ମାତ୍ର କିଏ କିପରି ଏହିପରି ଏକ ଆହ୍ୱାନପୂର୍ଣ୍ଣ ସମୟରେ ଫଳ ଉତ୍ପନ୍ନ କରିପାରିବ ?

ଏହି ପ୍ରବନ୍ଧକୁ ଦୁଇ ଭାଗରେ ଉପସ୍ଥାପନ କରାଯିବ । ଏହି ମାସ, ଆମେ ଯୋହନ ୧୫:୧୬ର ପ୍ରଥମ ଭାଗ ଆଲୋଚନା କରିବା : ଆମକୁ ମନୋନୀତ କରିବାରେ ଈଶ୍ୱରଙ୍କ ନିଷ୍ପତ୍ତି । ଆଗାମୀ ମାସ, ଆମେ ସେହି ମନୋନୟନ ପଛରେ ଥିବା ଉଦ୍ଦେଶ୍ୟକୁ ଆବିଷ୍କାର କରିବା – ସ୍ଥାୟୀ ଫଳ ଧାରଣ କରିବା ।

## ୧. ସ୍ୱର୍ଗୀୟ ନିର୍ବାଚନ

### ଈଶ୍ୱରଙ୍କ ମନୋନୟନରେ ଚାରୋଟି ବିଷୟ ଅଛି !

### କ. ଈଶ୍ୱର ସଂପର୍କକୁ ଆରମ୍ଭ କରନ୍ତି

ଧର୍ମଶାସ୍ତ୍ର ସୁସଂଗତ ଭାବରେ ଏହା ପ୍ରକାଶ କରେ ଯେ ଈଶ୍ୱର ହିଁ ସଂପର୍କକୁ ଆରମ୍ଭ କରନ୍ତି । ଯୀଶୁ ଖ୍ରୀଷ୍ଟ କହିଥିଲେ, "କିନ୍ତୁ ମୁଁ ତୁମ୍ଭମାନଙ୍କୁ ମନୋନୀତ କରିଅଛି ।" ଏଠାରେ "ମନୋନୀତ" ପାଇଁ ବ୍ୟବହୃତ ଗ୍ରୀକ୍ ଶବ୍ଦ "ଏକ୍ଲିଗୋମାଇ" ଅଟେ । ଏହାର ଅର୍ଥ ନିଜ ପାଇଁ ବାଛିବା କିମ୍ବା ମନୋନୀତ କରିବା । ଏହି ସମାନ ସତ୍ୟ ଏଫିସୀୟ ୧:୪ରେ ପ୍ରତିଧ୍ୱନିତ ହୋଇଛି : **"...ସେ ଜଗତର ପତ୍ତନ ପୂର୍ବରୁ ତାଙ୍କଠାରେ ଆମକୁ ମନୋନୀତ କରିଥିଲେ ।"**

ଆମେ ଈଶ୍ୱରଙ୍କୁ ପାଇଛୁ ବୋଲି ବିଶ୍ୱାସ କରିବା ପାଇଁ ଏହା ଆମର ମାନବିକ ପ୍ରବୃତ୍ତିକୁ ଆହ୍ୱାନ ଜଣାଏ । ମାତ୍ର ପ୍ରକୃତରେ, ସେ ହିଁ ଆମକୁ ଖୋଜି ଆସୁଛନ୍ତି । ହଜା ମେଷର ଗଳ୍ପକୁ ବିଚାର କରନ୍ତୁ : ମେଷପାଳକ ହଜି ଯାଇଥିବା ମେଷଟି ପଛରେ ଯାଇଛି । ସେହିପରି ଭାବରେ, ଆମ ପ୍ରେମମୟ ଉତ୍ତମ ମେଷପାଳକ ଆପଣଙ୍କୁ ଓ ମୋତେ ଖୋଜି ଖୋଜି ଆସିଛନ୍ତି – ଖୋଜିବା ପାଇଁ ଓ ଆମକୁ ପିତାଙ୍କ ନିକଟକୁ ଫେରାଇ ନେବା ପାଇଁ ।

ଏହି ସ୍ୱର୍ଗୀୟ ମନୋନୟନ ସ୍ୱେଚ୍ଛାଚାରିତା କିମ୍ବା ଆକସ୍ମିକ ନୁହେଁ – ଏହା ଉଦ୍ଦେଶ୍ୟମୂଳକ ଓ ଗଭୀରଭାବେ ବ୍ୟକ୍ତିଗତ ଅଟେ । ପୃଥିବୀର ସମସ୍ତ ଲୋକଙ୍କ ମଧ୍ୟରୁ, ଈଶ୍ୱର ଆପଣଙ୍କୁ ମନୋନୀତ କରିଥିଲେ । କିପରି ଏକ ଅବିଶ୍ୱସନୀୟ ସୌଭାଗ୍ୟ !

ଆସନ୍ତୁ, ଆମେ ଏହି ମୌଳିକ ସତ୍ୟକୁ ସ୍ମରଣ କରିବା : ଆମ ଅସ୍ତିତ୍ୱ ଉଦ୍ଦେଶ୍ୟମୂଳକ ଅଟେ । ମୁଁ ଓ ଆପଣ ଏକ ଏକ ଉଦ୍ଦେଶ୍ୟ ସହିତ ସୃଷ୍ଟ ହୋଇଥିଲୁ । ଆମେ ସୃଷ୍ଟିର ଆକସ୍ମିକ ଉତ୍ପାଦ ନୁହଁ – ଆମେ ଯୋଜନା ଦ୍ୱାରା ଖୋଦିତ ହୋଇଥିବା ମନୋନୀତ ଲୋକ ଅଟୁ ।

### ଖ. ଯୋଗ୍ୟତା ନ ଥିବା ସତ୍ତ୍ୱେ ଅନୁଗ୍ରହ

ଈଶ୍ୱରଙ୍କର ମନୋନୟନ ଆମର ଯୋଗ୍ୟତା କିମ୍ବା କୃତିତ୍ୱ ଉପରେ ଆଧାରିତ ନୁହେଁ । ରୋମୀୟ ୯:୧୧-୧୨ ଗୁରୁତ୍ୱାରୋପ କରି କହିଛି ଯେ ଯାକୁବ ଓ ଏଷୌ କୌଣସି ଭଲ କିମ୍ବା ମନ୍ଦ କାର୍ଯ୍ୟ କରିବା ପୂର୍ବରୁ ମନୋନୀତ ହୋଇଥିଲେ । ଏହା ସ୍ପଷ୍ଟ ଭାବରେ ଏହା ଦର୍ଶାଏ ଯେ ଆମେ ଯାହା କରୁ – କିମ୍ବା କରିବାରେ ବିଫଳ ହେଉ, ତଦ୍ୱାରା ଈଶ୍ୱରଙ୍କ ଅନୁଗ୍ରହକୁ ଅର୍ଜ୍ଜନ କରାଯାଏ ନାହିଁ । ମାତ୍ର ଏହା ଆମକୁ ଅବାଧରେ ପ୍ରଦତ୍ତ ହୋଇଛି । ଏହା ଅନୁଗ୍ରହର ନିଜସ୍ୱ ସ୍ୱଭାବ : ଅଯୋଗ୍ୟତା ସତ୍ତ୍ୱେ ଦାନ । ଏହି ସତ୍ୟ ଆମକୁ କାର୍ଯ୍ୟ-ଆଧାରିତ ଧର୍ମରୁ ମୁକ୍ତ କରେ ।

ସେଥିପାଇଁ ଆପଣମାନଙ୍କ ମଧ୍ୟରୁ କେହି ଜଣେ ସୁସଂଗତ ଭାବରେ ବାଇବଲ ପଢ଼ି ନ ଥିବାରୁ କିମ୍ବା ପ୍ରାର୍ଥନା କରି ନ ଥିବାରୁ ନିରୁତ୍ସାହ ଅନୁଭବ କରୁଛନ୍ତି, ତେବେ ଆପଣ ହାରି ଯାଇଛନ୍ତି ବୋଲି ଭାବନ୍ତୁ ନାହିଁ । ଆମର ଯୋଗ୍ୟତା ଆମ କାର୍ଯ୍ୟରୁ ନୁହେଁ, ମାତ୍ର ଈଶ୍ୱରଙ୍କ ଅନୁଗ୍ରହରୁ ଆସେ ।

କିନ୍ତୁ, ପ୍ରାର୍ଥନାରେ ନିୟୋଜିତ ହେବା, ବାକ୍ୟ ପାଠ କରିବା ଓ ତାଙ୍କ ସହିତ ସମୟ କାଟିବା ଆମକୁ ତାଙ୍କ ସହିତ ଆମ ସଂପର୍କରେ ବୃଦ୍ଧି ପାଇବାରେ, ତାଙ୍କ ଇଚ୍ଛାକୁ ବୁଝିବାରେ ଓ ତାଙ୍କୁ ସନ୍ତୁଷ୍ଟ କରୁଥିବା ଏକ ଜୀବନ କାଟିବାରେ ସାହାଯ୍ୟ କରେ । ପ୍ରଭୁଙ୍କ ସହିତ ଆମର ଯାତ୍ରା ବାକ୍ସଗୁଡ଼ିକୁ ପରୀକ୍ଷା କରିବା କିମ୍ବା ଲକ୍ଷ୍ୟ ହାସଲ

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

ECHO OF HIS CALL MINISTRIES
SINCE 1969

# ମହା ଆଦେଶ ସାଥୀଗଣ

ଜଣାଇବା (ଗାଲାତୀୟ ୬:୨), ସହାୟତା ଦେବା (ରୋମୀୟ ୧୨:୧୩) ଓ ତ୍ୱରାନ୍ୱିତ କରିବା (୨ ତୀମଥି ୧:୬)

ପ୍ରଶଂସା ଓ ପ୍ରାର୍ଥନାର ବିଷୟ,

(୨୦୨୫ ଜୁଲାଇ ୧୯ ରୁ ୨୦୨୫ ଅଗଷ୍ଟ ୧୮ ପର୍ଯ୍ୟନ୍ତ)

(ଦୟାକରି ଏହି ପୃଷ୍ଠାଟିକୁ ବାହାର କରି ଭାଙ୍ଗନ୍ତୁ ଓ ଏହାକୁ ଆପଣଙ୍କ ବାଇବଲରେ ରଖନ୍ତୁ ଓ ନିରନ୍ତର ପ୍ରାର୍ଥନା କରନ୍ତୁ)

## ଈଶ୍ୱରଙ୍କର ପ୍ରଶଂସା କରନ୍ତୁ

ଜୁଲାଇ ୧୯ ⇨ ୨୦୨୫–୨୦୨୬ ଶିକ୍ଷା ବର୍ଷ ନିମନ୍ତେ **ନିହିମିୟା ବାଇବଲ କଲେଜ ଓ ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲରେ** ନୂତନ ନାମ ଲେଖା ଉପରେ ତାଙ୍କର ଆଶୀର୍ବାଦ ପାଇଁ ।

ଜୁଲାଇ ୨୦ ⇨ ଆମର ସମସ୍ତ ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାର ବର୍ଗଙ୍କ ଉପରେ ଦୟା ନିମନ୍ତେ ।

ଜୁଲାଇ ୨୧ ⇨ ଆମ ମଣ୍ଡଳୀଗୁଡ଼ିକରେ କାର୍ଯ୍ୟ କରୁଥିବା ପାଳକ ଓ ସ୍ୱେଚ୍ଛାସେବୀମାନଙ୍କ ନିମନ୍ତେ ।

ଜୁଲାଇ ୨୨ ⇨ ଆମର **"ଗ୍ଲୋବାଲ୍ ଭିଜନ୍ ଫର୍ ୟୁଥ୍ ଏଣ୍ଡ କିଡ୍ କେୟାର ମିନିଷ୍ଟ୍ରି"** ଉପରେ ଆଶୀର୍ବାଦ ନିମନ୍ତେ ।

ଜୁଲାଇ ୨୩ ⇨ ଆମ ମୁଖ୍ୟ ମଣ୍ଡଳୀ ସହିତ ନୂତନ ବିଶ୍ୱାସୀମାନଙ୍କୁ ଯୋଗ କରିଥିବାରୁ ।

ଜୁଲାଇ ୨୪ ⇨ ଅପହଞ୍ଚ ଅଞ୍ଚଳଗୁଡ଼ିକରେ ସୁସମାଚାର ପ୍ରଚାର କରିବା ପାଇଁ ଆମକୁ ସାମର୍ଥ୍ୟ ଦେଇଥିବାରୁ ।

ଜୁଲାଇ ୨୫ ⇨ ଆମ ମିଶନ କାର୍ଯ୍ୟକାରୀମାନଙ୍କର ଅଟଳ ସମର୍ପଣ ନିମନ୍ତେ ।

ଜୁଲାଇ ୨୬ ⇨ ଆମ ଦେଶ ଉପରେ ତାଙ୍କର ସୁରକ୍ଷା ରହିଥିବାରୁ ।

ଜୁଲାଇ ୨୭ ⇨ ନୂତନଭାବେ ପରିତ୍ରାଣ ପାଇଥିବା ଲୋକମାନଙ୍କୁ ଅଭିଷିକ୍ତ କରି ଆମ ମଣ୍ଡଳୀ ସହଭାଗିତା ମଧ୍ୟକୁ ସେମାନଙ୍କୁ ଆଣିଥିବାରୁ ।

ଜୁଲାଇ ୨୮ ⇨ ଆମର ରାଜ୍ୟ ସଂଯୋଜକମାନଙ୍କର ନେତୃତ୍ୱ, ଏକତା ଓ ସହଭାଗିତା ନିମନ୍ତେ ।

ଜୁଲାଇ ୨୯ ⇨ ଆମର ସେହି ସମସ୍ତ ବିଶ୍ୱସ୍ତ ସହୟତାକାରୀମାନଙ୍କ ନିମନ୍ତେ ଯେଉଁମାନେ ଆମକୁ ସର୍ବଦା ପ୍ରାର୍ଥନା ଓ ଉଦାରଭାବେ ଅର୍ଥ ସାହାଯ୍ୟ ଦିଅନ୍ତି ।

ଜୁଲାଇ ୩୦ ⇨ ଆମର ସମସ୍ତ ପ୍ରାର୍ଥନା ସାଥୀ, ସଭ୍ୟସଭ୍ୟା, ବିଶ୍ୱାସ ସାଥୀ, ଆଜୀବନ ସାଥୀ ଓ ମହାଆଦେଶ ସାଥୀ ଓ ସେମାନଙ୍କ ପରିବାରବର୍ଗଙ୍କ ଉପରେ ତାଙ୍କର ଦୟା ନିମନ୍ତେ ।

ଜୁଲାଇ ୩୧ ⇨ ଆମର ସୁସମାଚାର ଛାପାକଳର ନିରବଚ୍ଛିନ୍ନ କାର୍ଯ୍ୟ ଓ ଏହାର କର୍ମଚାରୀମାନଙ୍କର ଦକ୍ଷତା ନିମନ୍ତେ ।

ଅଗଷ୍ଟ ୧ ⇨ **ସେଣ୍ଟ ପଲ୍‌ସ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ ଓ (ଗ୍ରାମ୍ୟ ଉଚ୍ଚ ବିଦ୍ୟାଳୟ)**ରେ ସମର୍ପିତ ଓ ବୃତ୍ତିଗତ ଶିକ୍ଷକମାନଙ୍କର ନିଯୁକ୍ତି ପାଇଁ ।

ଅଗଷ୍ଟ ୨ ⇨ ଆମର ପାଳକ ଏସ୍.ସାମ୍.ସେଲ୍‌ଭାରାଜ୍ ଓ ତାଙ୍କ ପରିବାର ଉପରେ ପ୍ରଚୁର ଆଶୀର୍ବାଦ କରିଥିବାରୁ ।

ଅଗଷ୍ଟ ୩ ⇨ ୧୯୬୯ରୁ ପତ୍ରିକା ସେବାକାର୍ଯ୍ୟ ପ୍ରତି ଆମର ପ୍ରତିବଦ୍ଧତା ଉପରେ ଆଶୀର୍ବ କରିଥିବାରୁ ।

## ଦୟାକରି ପ୍ରାର୍ଥନା କରନ୍ତୁ

ଅଗଷ୍ଟ ୪ ⇨ ଅପହଞ୍ଚ ଅଞ୍ଚଳରେ ସୁସମାଚାର ପହଞ୍ଚାଇବା ପାଇଁ ଅନୁଗ୍ରହ ଦେବା ନିମନ୍ତେ ।

ଅଗଷ୍ଟ ୫ ⇨ ସମସ୍ତ ଧର୍ମ ମଧ୍ୟରେ ଏକତା ଓ ମିଳନ ନିମନ୍ତେ ।

ଅଗଷ୍ଟ ୬ ⇨ ସମଗ୍ର ବିଶ୍ୱରେ ଯେପରି ଶାନ୍ତି ପ୍ରତିଷ୍ଠା ହେବ ।

ଅଗଷ୍ଟ ୭ ⇨ ମହିଳା ଓ ଶିଶୁମାନଙ୍କ ବିରୁଦ୍ଧରେ ଚାଲିଥିବା ହିଂସାର ଦୂରୀକରଣ ନିମନ୍ତେ ।

ଅଗଷ୍ଟ ୮ ⇨ ଆମର ସହଯୋଗୀ ସଂପାଦକ ଓ ସେମାନଙ୍କ ପରିବାର ଗୁଡ଼ିକର ଉତ୍ତମ ସ୍ୱାସ୍ଥ୍ୟ ଓ ଶକ୍ତି ନିମନ୍ତେ ।

ଅଗଷ୍ଟ ୯ ⇨ ସମସ୍ତ ଦେଶ ମଧ୍ୟରେ ନିଷ୍ଠାଭାବ ଓ ଧାର୍ମିକ ମନୋଭାବ ନିମନ୍ତେ ।

ଅଗଷ୍ଟ ୧୦ ⇨ **ଆହ୍ୱାନ ପ୍ରତିଧ୍ୱନି ସେବାକାର୍ଯ୍ୟ** ଆଜି ଏହାର ୫୭ତମ ବର୍ଷରେ ପଦାର୍ପଣ କରିଥିବା ସମୟରେ ଈଶ୍ୱର ଯେପରି ନିରନ୍ତର ଚାଳନା ଦେବେ ।

ଅଗଟେ ୧୧ ⇨ ଆମର ବରିଷ୍ଠ ପାଳକ, ରେଭ୍.ଏସ୍.ସାମ୍ ସେଲ୍‌ଭାରାଜଙ୍କ ଯୋଜନା ଉପରେ ଈଶ୍ୱରଙ୍କ ଆଶୀର୍ବାଦ ନିମନ୍ତେ ।

ଅଗଷ୍ଟ ୧୨ ⇨ ସମସ୍ତ ଦେଶ ଯେପରି ପ୍ରତ୍ୟେକ କ୍ଷେତ୍ରରେ ଯୋଜନା ଓ ବିକାଶ ସମ୍ବନ୍ଧରେ ଏକତା ଓ ସଂପୂର୍ଣ୍ଣ ଅଗ୍ରଗତି ଲାଭ କରିବେ ।

ଅଗଷ୍ଟ ୧୩ ⇨ ସମଗ୍ର ପୃଥିବୀର ଲୋକମାନଙ୍କର ଆବଶ୍ୟକତା ଯେପରି ପୂରଣ ହେବ ।

ଅଗଷ୍ଟ ୧୪ ⇨ ବୈଶ୍ୱିକ ଅର୍ଥନୈତିକ ସଙ୍କଟ ଯେପରି ସମାପ୍ତ ହେବ ।

ଅଗଷ୍ଟ ୧୫ ⇨ **ଛୁଟୀ ଦିବସୀୟ ବାଇବଲ ସ୍କୁଲ (ଭିବିଏସ୍)** ସମୟରେ ଯୀଶୁ ଖ୍ରୀଷ୍ଟଙ୍କର ପ୍ରେମର ସ୍ପର୍ଶ ପାଇଥିବା ପିଲାମାନେ ଯେପରି ପ୍ରଭୁଙ୍କଠାରେ ବୃଦ୍ଧି ପାଇବେ ଓ ବିଶ୍ୱସ୍ତଭାବେ ମଣ୍ଡଳୀରେ ଯୋଗ ଦେବେ ।

ଅଗଷ୍ଟ ୧୬ ⇨ ଈଶ୍ୱରଙ୍କର ମିଶନେରୀ ଓ ଦାସମାନଙ୍କ ବିରୁଦ୍ଧରେ ଯେପରି ହିଂସା ସମାପ୍ତ ହେବ ।

ଅଗଷ୍ଟ ୧୭ ⇨ ବିଭାଜିତ ପରିବାରଗୁଡ଼ିକ ପ୍ରତି ଲକ୍ଷ୍ୟ ରଖିଥିବା ଶୟତାନର କାର୍ଯ୍ୟ ଯେପରି ବିନଷ୍ଟ ହେବ ।

ଅଗଷ୍ଟ ୧୮ ⇨ ଈଶ୍ୱରଙ୍କ ସନ୍ତାନମାନଙ୍କ ଉପରେ ଆତ୍ମିକ ଓ ଭୌତିକ ଆଶୀର୍ବାଦ ନିମନ୍ତେ ।

(୪ର୍ଥ ପୃଷ୍ଠାର ଅବଶିଷ୍ଟାଂଶ)

କରିବା ସମ୍ବନ୍ଧୀୟ ନୁହେଁ, ଏହା ବିଶ୍ୱାସ ଦ୍ୱାରା ବଞ୍ôବା ସମ୍ବନ୍ଧୀୟ ଅଟେ – ଯୋଗ୍ୟତା ନ ଥିବା ସତ୍ତ୍ୱେ, ସେ ଯେଉଁ ଅନୁଗ୍ରହ ଦିଅନ୍ତି, ସେଥିରେ ବିଶ୍ୱାସ ।

ସେଥିପାଇଁ, ଯୀଶୁ ଖ୍ରୀଷ୍ଟ ଜଗତ ମଧ୍ୟକୁ ଆସିଥିଲେ । ସେ କ୍ରୁଶ ଉପରେ ମୃତ୍ୟୁବରଣ କରିଥିଲେ, ସମାଧି ପ୍ରାପ୍ତ ହୋଇଥିଲେ ଓ ତୃତୀୟ ଦିବସରେ ପୁନର୍ବାର ଉଠିଥିଲେ । ସେ ଜଣେ ବିସ୍ମୟଜନକ, ସାର୍ବଭୌମ ଈଶ୍ୱର ଅଟନ୍ତି । ଆମେ ଯାହା ଅଟୁ, ତା' ଯୋଗୁ ନୁହେଁ – ସେ ଯିଏ ଅଟନ୍ତି, ସେଥିଯୋଗୁ ଏହା ସମ୍ଭବ ଅଟେ ।

## ଗ. ପ୍ରେମରେ ମନୋନୀତ ହୋଇଥିଲୁ

ତୃତୀୟରେ, ଈଶ୍ୱରଙ୍କ ମନୋନୟନ ପଛରେ ଥିବା ଉଦ୍ଦେଶ୍ୟ ପ୍ରେମ ଅଟେ । ଦ୍ୱିତୀୟ ବିବରଣ ୭:୭–୮ ପ୍ରକାଶ କରିଛି ଯେ **"ତୁମ୍ଭେମାନେ ଅନ୍ୟ ଲୋକଙ୍କ ଅପେକ୍ଷା ଅଧିକ ସଂଖ୍ୟକ ଥିଲ ବୋଲି ସଦାପ୍ରଭୁ ତୁମ୍ଭମାନଙ୍କ ଉପରେ ସ୍ନେହ ରଖିଲେ ନାହିଁ କି ତୁମ୍ଭମାନଙ୍କୁ ମନୋନୀତ କଲେ ନାହିଁ ... ମାତ୍ର ସଦାପ୍ରଭୁ ତୁମ୍ଭମାନଙ୍କୁ ସ୍ନେହ କରିବାରୁ (ମନୋନୀତ କଲେ) ।"** ତାଙ୍କର ମନୋନୟନ ଆମ ଯୋଗ୍ୟତାରୁ ନୁହେଁ, ମାତ୍ର ତାଙ୍କ ପ୍ରେମପୂର୍ଣ୍ଣ ସ୍ୱଭାବରୁ ଅଙ୍କୁରିତ ହୋଇଛି ।

ଆମର ଅତୀତ ଯା' ହୋଇଥାଉ ନା କାହିଁକି, ଈଶ୍ୱର ଆମକୁ ପ୍ରେମ କରନ୍ତି । ଈଶ୍ୱରଙ୍କ ପ୍ରେମରୁ କୌଣସି ବିଷୟ ଆମକୁ ପୃଥକ୍ କରିପାରିବ ନାହିଁ । ଯଦି ଆପଣ ତାଙ୍କ ପ୍ରେମର ଅନୁଭୂତି ଆଦୌ ପାଇନାହାନ୍ତି, କିମ୍ବା ଯଦି ପାଇଛନ୍ତି ମାତ୍ର ତାଙ୍କ କ୍ରୁଶ ବହନ କରିବାକୁ କୁଣ୍ଠିତ ଅଟନ୍ତି, ତେବେ ଏହି ବାର୍ତ୍ତା ଆପଣଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଟେ । ଈଶ୍ୱର ଯେ କୌଣସି ବ୍ୟକ୍ତି ମାଧ୍ୟମରେ କାର୍ଯ୍ୟ କରିପାରନ୍ତି – ଦଳ ଯେତେ ଛୋଟ କିମ୍ବା ଗୁରୁତ୍ୱହୀନ ହେଲେ ସୁଦ୍ଧା, ଯଦି ସେମାନେ ଆପଣଙ୍କୁ ପ୍ରେମ କରୁଥିଲେ, ତେବେ ଈଶ୍ୱର ସେମାନଙ୍କ ମାଧ୍ୟମରେ କାର୍ଯ୍ୟ କରିବେ ।

## ଘ. ବ୍ୟକ୍ତିଗତ ମନୋନୟନ

ଈଶ୍ୱରଙ୍କ ମନୋନୟନ ଗଭୀରଭାବେ ବ୍ୟକ୍ତିଗତ ଅଟେ । ଯିଶାଇୟ ୪୩:୧ କହିଛି, **"... ଆମ୍ଭେ ତୁମ୍ଭର ନାମ ଧରି ତୁମ୍ଭକୁ ଆହ୍ୱାନ କରିଅଛୁ, ତୁମ୍ଭେ ଆମ୍ଭର ।"** ଯୀଶୁ ଖ୍ରୀଷ୍ଟ ବ୍ୟକ୍ତିଗତଭାବେ ତାଙ୍କର ପ୍ରତ୍ୟେକଟି ଶିଷ୍ୟଙ୍କୁ ମନୋନୀତ କରିଥିଲେ, ସେ ସେମାନଙ୍କର ବ୍ୟକ୍ତିତ୍ୱ, ଶକ୍ତି ଓ ଦୁର୍ବଳତା ସମ୍ବନ୍ଧରେ ସଚେତନ ଥିଲେ ।

ଈଶ୍ୱରଙ୍କ ଆହ୍ୱାନର ଏହି ବ୍ୟକ୍ତିଗତ ବିଷୟ ଉଭୟ ସାନ୍ତ୍ୱନା ଓ ଗୁରୁତ୍ୱ ଆଣିଦିଏ । ଆମେ ଆକସ୍ମିକ ଭାବେ ମନୋନୀତ ହୋଇ ନାହୁଁ । ଆମେ ଈଶ୍ୱରଙ୍କ ଦ୍ୱାରା ବ୍ୟକ୍ତିଗତ ଭାବେ ମନୋନୀତ, ଜ୍ଞାତ ଓ ପ୍ରେମପ୍ରାପ୍ତ ଅଟୁ ।

**(ମୋ' ସହିତ କୁହନ୍ତୁ) :**

"ମୁଁ ଆକସ୍ମିକ ଭାବେ ମନୋନୀତ ହୋଇ ନାହିଁ– ମୁଁ ଈଶ୍ୱରଙ୍କର ନିର୍ଦ୍ଦିଷ୍ଟ ମନୋନୟନ ଅଟେ । ଦ୍ୱିତୀୟ ନୁହେଁ, ମାତ୍ର ସର୍ବୋତ୍ତମ ଅଟେ ।"

୧ ପିତର ୨:୯ରେ, ଆମେ ପାଠ କରୁ, **"କିନ୍ତୁ ଯେ ତୁମ୍ଭମାନଙ୍କୁ ଅନ୍ଧକାରରୁ ଆପଣା ଆଶ୍ଚର୍ଯ୍ୟ ଆଲୋକ ମଧ୍ୟକୁ ଆହ୍ୱାନ କରିଅଛନ୍ତି, ତୁମ୍ଭେମାନେ ଯେପରି ତାହାଙ୍କ ଗୁଣ କୀର୍ତ୍ତନ କର ଏଥି ନିମନ୍ତେ ତୁମ୍ଭେମାନେ ଏକ ମନୋନୀତ ବଂଶ, ରାଜକୀୟ ଯାଜକ ବର୍ଗ, ପବିତ୍ର ଜାତି ପୁଣି ଈଶ୍ୱରଙ୍କ ନିଜସ୍ୱ ପ୍ରଜା ହୋଇଅଛ ।"**

ଈଶ୍ୱର ସମର୍ଥନ କରିଛନ୍ତି ଯେ ଆମେ ତାଙ୍କର ମନୋନୀତ ବଂଶ ଅଟୁ । ମନେରଖନ୍ତୁ – ଆମେ ଯେ କେବଳ ମନୋନୀତ ହୋଇଛୁ, ତା' ନୁହେଁ – ମାତ୍ର ଆମେ ଈଶ୍ୱରଙ୍କର ବ୍ୟକ୍ତିଗତ, ଉଦ୍ଦେଶ୍ୟ ପୂର୍ଣ୍ଣ ମନୋନୟନ ଅଟୁ ।


ଆମେ କିପରି ପରିବା ବଜାରରେ କ୍ରୟ କରୁ, ସେହି ବିଷୟ ଚିନ୍ତା କରନ୍ତୁ : ଆମେ ଏଣୁ ତେଣୁ ପ୍ରତ୍ୟେକଟି ବିଷୟ ନେଉ ନାହୁଁ । ଯାହା ସର୍ବୋତ୍ତମ ଓ ସର୍ବାଧିକ ବାଞ୍ଛନୀୟ, ତାହାକୁ ହିଁ ଆମେ ବାଛୁ । ସେହିପରି ଭାବରେ, ଈଶ୍ୱର ଆମକୁ ତାଙ୍କର ନିଜସ୍ୱ ହେବା ପାଇଁ ବିବେଚନା ପୂର୍ବକ ଓ ପ୍ରେମର ସହିତ ହାତରେ ବାଛିଛନ୍ତି । ରାଜାମାନଙ୍କର ରାଜା, ବିଶ୍ୱର ସଦାପ୍ରଭୁ ତାଙ୍କର ମନୋନୀତ ବଂଶର ସଦସ୍ୟ ହେବା ପାଇଁ ମୋତେ ମନୋନୀତ କରିଛନ୍ତି – ଏହା ଜାଣିବା କିପରି ଏକ ଅବିଶ୍ୱସନୀୟ ସୌଭାଗ୍ୟ ଓ ଆନନ୍ଦ ଅଟେ ।

## ୨. ଈଶ୍ୱରଙ୍କ ମନୋନୟନର ପ୍ରଣାଳୀ

ସମଗ୍ର ଧର୍ମଶାସ୍ତ୍ରରେ, ଆମେ ଈଶ୍ୱରଙ୍କ ମନୋନୟନରେ ଏକ ସୁସଂଗତ ପ୍ରଣାଳୀ ଦେଖୁ : ସେ ପ୍ରାୟ ଅନୁପଯୁକ୍ତ ପ୍ରାର୍ଥୀମାନଙ୍କୁ ଚୟନ କରନ୍ତି । ତାଙ୍କର ମନୋନୟନଗୁଡ଼ିକ ଅପ୍ରତ୍ୟାଶିତ, ଅନନୁମେୟ ଓ ନିଃସର୍ତ୍ତମୂଳକ ଅଟେ ।

## କ. ଅବ୍ରହାମ୍

ଆଦିପୁସ୍ତକ ୧୨:୧–୩ରେ, ଈଶ୍ୱର ଅବ୍ରହାମ୍‌ଙ୍କୁ କଲ୍‌ଦୀୟମାନଙ୍କର ଉର ପ୍ରଦେଶ ଛାଡ଼ି, ତାଙ୍କ ନିର୍ଦ୍ଦେଶ ଅନୁସାରେ ଏକ ଅଜ୍ଞାତ ଦେଶକୁ ଯିବା ପାଇଁ କହିଥିଲେ– ଏହା ଏକ ବିଶ୍ୱାସର ଯାତ୍ରା ଥିଲା । ଅବ୍ରହାମ୍ ୭୫ ବର୍ଷ ବୟସ୍କ ଓ ନିଃସନ୍ତାନ ଥିଲେ, ତଥାପି ଈଶ୍ୱର ତାଙ୍କୁ ଅନେକ ଜାତିର ପିତା କରିବା ପାଇଁ ପ୍ରତିଜ୍ଞା ଦେଇଥିଲେ ।



*ଅବ୍ରହାମ ନିଜ ସ୍ତ୍ରୀ, ସାରାଙ୍କ ବିଷୟରେ ମିଥ୍ୟା କହିଥିଲେ ।*

ସେ କ'ଣ ତ୍ରୁଟି ଶୂନ୍ୟ ଥିଲେ ? ଅବଶ୍ୟ ନୁହେଁ । ସେ ରାଜା ଅବିମେଲକଙ୍କଠାରୁ ନିଜକୁ ରକ୍ଷା କରିବା ପାଇଁ ନିଜ ସ୍ତ୍ରୀ, ସାରାଙ୍କୁ ନିଜର ଭଗିନୀ ବୋଲି କହି ମିଥ୍ୟା କହିଥିଲେ (ଆଦିପୁସ୍ତକ ୨୦) । ସେ ହାଗାରଙ୍କୁ

(ଅବଶିଷ୍ଟାଂଶ ୮ମ ପୃଷ୍ଠାରେ)

ନିହିମିଆ ବାଇବଲ ଆବାସିକ ମହାବିଦ୍ୟାଳୟ
Chepauk & Santhoshapuram, Velachery Chennai. ଆଡ୍‌ମିଶନ ପାଇଁ ଶୀଘ୍ର ଆସନ୍ତୁ !
ଯୋଗ୍ୟତା : ୧୦ମ ଓ ତଦୁର୍ଦ୍ଧ୍ୱ
ECHO OF HIS CALL 1969-2019 GOLDEN JUBILEE REACHING NATIONS
ଥିଓଲୋଜିରେ ଡିପ୍ଲୋମା
ମାଧ୍ୟମ ~ ହିନ୍ଦୀ (Residential) Sponsorship Available
ମାଧ୍ୟମ ~ ତାମିଲ (Part Time)
ଯୋଗାଯୋଗ
Contact : The Chairman, Nehemiah Bible College.
10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA.
Phone : (+91-44) 2852 8282, Cell : (+91) 98410 71852 / 95661 31858
E.mail : sam@echoofhiscall.org / Website : www.echoofhiscall.org
✶ ONLINE CLASSES ARE AVAILABLE ✶
ବିଗତ ୫୫ ବର୍ଷ ଧରି ଆନ୍ତର୍ଜାତୀୟ ଖ୍ରୀଷ୍ଟିଆନ ନେତା ଓ ବରିଷ୍ଠ ପାଳକମାନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ

## ଦୟାକରି ଆମର ସେବାକାର୍ଯ୍ୟ ନିମନ୍ତେ ପ୍ରାର୍ଥନା କରନ୍ତୁ ।

୧. ପ୍ରାର୍ଥନା ସଭା (୨୪ ଘଣ୍ଟା) ।
୨. ବାଇବଲ କୋର - ପତ୍ର ମାଧ୍ୟମରେ ବାଇବଲ ପାଠ୍ୟକ୍ରମ, ଇଂରାଜୀ, ହିନ୍ଦୀ ଓ ତାମିଲ ।
୩. ଆହ୍ୱାନର ପ୍ରତିଧ୍ୱନି ପତ୍ରିକା (ଇଂରାଜୀ, ତାମିଲ, ମାଲାୟାଲାମ, ତେଲୁଗୁ, ହିନ୍ଦୀ, କାନ୍ନାଡ଼ା, ମରାଠୀ, ଗୁଜୁରାଟୀ, ବଙ୍ଗାଳୀ, ଓଡ଼ିଆ, ନେପାଳୀ, ଆସାମୀ, ପଞ୍ଜାବୀ, ଉର୍ଦ୍ଦୁ, ସିଂହଳ ଓ ଆଫ୍ରିକାନସ୍) ।
୪. ନିହିମିୟା ବାଇବଲ ମହାବିଦ୍ୟାଳୟ (ତିନୋଟି କେନ୍ଦ୍ର) ।
୫. ଥିଓଲୋଜିକାଲ ଦୂରଭାଷା ପାଠ୍ୟକ୍ରମ (ଇଂରାଜୀ ଓ ତାମିଲ) ।
୬. ମହାଆଦେଶ ସାଥୀଗଣ ।
୭. ତାଲିମ କାର୍ଯ୍ୟକ୍ରମ ।
୮. ସୁସମାଚାର ଅଭିଯାନ ।
୯. ସାହିତ୍ୟ ସେବା ଓ ବଣ୍ଟନ ।
୧୦. ସୁସମାଚାର ଛାପା କଳ - ପ୍ରକାଶନ ।
୧୧. ସେଣ୍ଟପଲସ୍ ମ୍ୟାଟ୍ରିକ୍ୟୁଲେସନ ସ୍କୁଲ-ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ ।
୧୨. ସଣ୍ଡେସ୍କୁଲ - ରବିବାର ସକାଳ ଘ. ୮.୩୦ ମିନିଟ୍ ଓ ଅପରାହ୍ନ ୪.୦୦ ଘଟିକା ।
୧୩. ତାମିଲ ଉପାସନା - ରବିବାର ସକାଳ ୮.୦୦ ଓ ସକାଳ ୧୦.୦୦ ।
୧୪. ହିନ୍ଦୀ ଉପାସନା - ରବିବାର ଅପରାହ୍ନ ଘ. ୪.୦୦ ।
୧୫. ତେଲୁଗୁ ପ୍ରାର୍ଥନା ସଭା - ରବିବାର ସନ୍ଧ୍ୟା ଘ. ୫.୦୦ ।
୧୬. ଇଂରାଜୀ ଓ ତାମିଲ ଉପାସନା ରବିବାର ସନ୍ଧ୍ୟା ୬.୦୦ ଘଟିକା ।
୧୭. ମହିଳାମାନଙ୍କର ପ୍ରାର୍ଥନା ସଭା - ବୁଧବାର ସନ୍ଧ୍ୟା ଘ.୫.୩୦ ମିନିଟ୍ ।
୧୮. ପୁରୁଷମାନଙ୍କର ପ୍ରାର୍ଥନା ସଭା - ଶୁକ୍ରବାର ସନ୍ଧ୍ୟା ଘ.୭.୦୦ ।
୧୯. କର୍ମଚାରୀମାନଙ୍କର ସଭା - ଶନିବାର ସନ୍ଧ୍ୟା ୬.୦୦ ଘଟିକା ।
୨୦. ଗୃହ ସଭା - ସୋମବାର, ମଙ୍ଗଳବାର, ସନ୍ଧ୍ୟା ଘ.୬.୩୦ ମିନିଟ୍ ।
୨୧. ବିଶେଷ ପ୍ରଭୁଭୋଜ - ପ୍ରତ୍ୟେକ ମାସ ପ୍ରଥମ ଦିବସର ସକାଳ ଘ. ୫.୩୦ ମିନିଟ୍ ।
୨୨. କର୍ମଚାରୀମାନଙ୍କ କାର୍ଯ୍ୟର ପୁନଃ ବିଚାର - ପ୍ରଥମ ଶନିବାର ସନ୍ଧ୍ୟା ୫.୩୦ ।
୨୩. ପିତାମାତାଙ୍କର ପ୍ରାର୍ଥନାସଭା - ପ୍ରଥମ ରବିବାର ସନ୍ଧ୍ୟା ୪.୦୦ ଘଟିକା ।
୨୪. ରାତ୍ରି ପ୍ରାର୍ଥନା - ଦ୍ୱିତୀୟ ଶୁକ୍ରବାର ଘ. ୯.୩୦ ମି (ରାତ୍ର) ।
୨୫. ଉପବାସ ପ୍ରାର୍ଥନା - ତୃତୀୟ ଶନିବାର ସକାଳ ୯.୩୦ ଘଟିକା ।
୨୬. ପବିତ୍ର ପ୍ରଭୁଭୋଜ - ଦ୍ୱିତୀୟ ରବିବାର ଉପାସନା ।
୨୭. ପ୍ରାତଃ ଉପାସନା - ପ୍ରତିଦିନ ସକାଳ ଘ. ୫.୩୦ ମିନିଟ୍ ।
୨୮. କର୍ମଚାରୀମାନଙ୍କର ଉପାସନା - ପ୍ରତିଦିନ ସକାଳ ଘ. ୯.୦୦ ।
୨୯. କାର୍ଯ୍ୟାଳୟ - ପ୍ରତିଦିନ ସକାଳ ଗ. ୯.୦୦ମି ଠାରୁ ରାତ୍ର ୯.୦୦ (ରବିବାର ବ୍ୟତୀତ)

## କେବଳ ଭାରତର ପ୍ରାର୍ଥୀମାନଙ୍କ ପାଇଁ ଆହ୍ୱାନର ପ୍ରତିଧ୍ୱନିର ପୋଷ୍ଟାଲ୍ ପାଠ୍ୟକ୍ରମ

### ୧. ବାଇବଲ କୋର

ଆମେ ନୂତନ ଖ୍ରୀଷ୍ଟିଆନ ଓ ଅଣ-ଖ୍ରୀଷ୍ଟିଆନମାନଙ୍କୁ ଇଂରାଜୀରେ ୫୭ ପୃଷ୍ଠା, ହିନ୍ଦୀରେ - ୭୬ ପୃଷ୍ଠା ଓ ତାମିଲ୍‌ରେ - ୯୬ ପୃଷ୍ଠାରେ ସମ୍ବଳିତ ବାଇବଲର ମୌଳିକ ସତ୍ୟଗୁଡ଼ିକ ଉପରେ ପୋଷ୍ଟାଲ ପାଠ୍ୟକ୍ରମ ପ୍ରଦାନ କରୁଅଛୁ । ଆପଣମାନେ ଏକ ପାଠ୍ୟପୁସ୍ତକ - "ଆପଣଙ୍କ ନିମନ୍ତେ ନୂତନ ଜୀବନ" ପାଇବେ । ଏହି ପାଠ୍ୟକ୍ରମର ସମାପ୍ତି ପରେ, ଆପଣ ଗୋଟିଏ ସାର୍ଟିଫିକେଟ ପାଇବେ । କୌଣସି ବାଧ୍ୟତାମୂଳକ ଦେୟ ନାହିଁ । ଆପଣମାନେ ଆଶୀର୍ବାଦ ପାଇବେ ।

### ୨. ଥିଓଲୋଜିକାଲ୍ କରେସ ପଣ୍ଡେସ୍ ପାଠ୍ୟକ୍ରମ

ଥିଓଲୋଜିକାଲ କରେସ୍ ପଣ୍ଡେସ୍ ପାଠ୍ୟକ୍ରମ ନାମକ ଦୂରବର୍ତ୍ତୀ ପ୍ରାର୍ଥୀମାନଙ୍କ ପାଇଁ ଉନ୍ନତ ଧରଣର ଶିକ୍ଷା ବର୍ତ୍ତମାନ ଇଂରାଜୀରେ - ୫୩୨ ପୃଷ୍ଠା ଓ ତାମିଲ୍‌ରେ ୬୫୨ ପୃଷ୍ଠା ପାଳକ, ପ୍ରଚାରକ, ଖ୍ରୀଷ୍ଟିଆନ ନେତା ଓ ଈଶ୍ୱରଙ୍କ ସେବାକାର୍ଯ୍ୟ ପାଇଁ ଇଚ୍ଛୁକ ସାଧାରଣ ଲୋକଙ୍କ ନିମନ୍ତେ ଉପଲବ୍ଧ ଅଟେ । ୧୦୦୦ ଟଙ୍କାର ଦେୟ ରହିଛି ।

୧୪୯ ଅଧ୍ୟାୟ ବିଶିଷ୍ଟ ୭ଟି ପୁସ୍ତକ ଯୋଗାଇ ଦିଆଯିବ । ସେବାକାର୍ଯ୍ୟରେ ସାର୍ଟି ଫିକେଟ ପ୍ରଦାନ କରାଯିବ । ଈଶ୍ୱର ଆପଣମାନଙ୍କୁ ଆଶୀର୍ବାଦ କରିବେ ।

**ଅଧିକ ଜାଣିବା ପାଇଁ ଆମକୁ ଲେଖନ୍ତୁ**

**The Chairman, Nehemiah Bible College,**
Echo of His Call, **Post Box 2957**
CHEPAUK, CHENNAI - 600 005.
**Ph.: (044) 2852 8282, 2852 9293, 2854 7766,**
**Cell : 98410 71852, 95661 31858**
**E.mail : biblecor@yahoo.co.in**

## ବିନାମୂଲ୍ୟରେ ମାସିକ ପତ୍ରିକା "ଆହ୍ୱାନର ପ୍ରତିଧ୍ୱନି" ପାଇବା ପାଇଁ ଏକ ଉତ୍ତମ ସୁଯୋଗ ।

ଯଦି ଆପଣମାନେ ଆପଣମାନଙ୍କ ବନ୍ଧୁ/ଆତ୍ମିୟମାନଙ୍କର ଠିକଣା ଡାକ, ପତ୍ର, ଇ-ମେଲ, ହ୍ୱାଟସ୍-ଆପ୍ କିମ୍ବା ଫୋନ ମାଧ୍ୟମରେ ଆମ ନିକଟକୁ ପଠାଇ ପାରିବେ ତେବେ ଆମେ **"ଆହ୍ୱାନର ପ୍ରତିଧ୍ୱନି"** ମାସିକ ପତ୍ରିକା ସେମାନଙ୍କ ନିକଟକୁ ବିନାମୂଲ୍ୟରେ ପ୍ରେରଣ କରିବୁ ।

## କର ରିହାତି

**"Echo of His Call Educational Trust"** କୁ ଭାରତର ଯେ କୌଣସି ବ୍ୟକ୍ତି କିମ୍ବା ଅନୁଷ୍ଠାନ ଦେଉଥିବା ଦାନ ଆୟକର ଆଇନର ଭାଗ - **80 - G** ଅଧୀନରେ କର ମୁକ୍ତ ପାଇଁ ଯୋଗ୍ୟ ଅଟେ । ଏହି ଉଦ୍ଦେଶ୍ୟରେ କାର୍ଯ୍ୟାଳୟ ତରଫରୁ ରସିଦ୍ ଦିଆଯିବ । **Echo of His Call Educational Trust** କୁ ଦେଉଥିବା ଦାନ ପାଇଁ **Demand Draft, Cheque** କିମ୍ବା ମନିଅର୍ଡର କରନ୍ତୁ ଓ କର ମୁକ୍ତି ପାଇଁ ଆପଣଙ୍କର ଆଧାରକାର୍ଡ ଓ ପ୍ୟାନକାର୍ଡ ସହିତ ଏହାକୁ ଆମ ନିକଟକୁ ପ୍ରେରଣ କରନ୍ତୁ ।

| | | |
|---|---|---|
| **Account Name** | : | **ECHO OF HIS CALL EDUCATIONAL TRUST** |
| **Account Number** | : | **1023 2923 805** |
| **Bank Name** | : | **STATE BANK OF INDIA** |
| **Branch** | : | **TRIPLICANE, CHENNAI - 600 005** |
| **IFSC Code** | : | **SBIN 0000249** |
| **SWIFT Code** | : | **SBI NIN BB 455** |



# ଗର୍ତ୍ତରୁ ରାଜପ୍ରାସାଦ

## (PIT TO PALACE)

(ପାଳକ. ଏସ୍. ସାମ୍. ସେଲ୍‌ଭା ରାଜ୍‌ଙ୍କ ଜୀବନାନୁଭୂତି)

*"ଯେ ପାଠ କରେ, ସେ ବୁଝୁ" (ମାଥିଉ ୨୪:୧୫)*

## ଏକ ବିସ୍ମୟଜନକ ଈଶ୍ୱରଙ୍କ ହସ୍ତରେ ଆଶ୍ଚର୍ଯ୍ୟପୂର୍ଣ୍ଣ ସେବକଗଣ

ଯେତେବେଳେ ଆମେ ସୁସମାଚାରର ବିଭିନ୍ନ ସେବକମାନଙ୍କ ଜୀବନର ଇତିହାସ ପ୍ରତି ଦୃଷ୍ଟିପାତ କରୁ, ସେତେବେଳେ ଏହା ଦେଖୁ ଯେ ଆମର ପିତା ଈଶ୍ୱର ସମସ୍ତ ପରିବେଶରେ ନିଜ ଦାସମାନଙ୍କର ଯତ୍ନ ନେବାରେ ଓ ସେମାନଙ୍କର ସମସ୍ତ ଆବଶ୍ୟକତା ପୂରଣ କରିବାରେ ବିଶ୍ୱସ୍ତ ହୋଇ ରହିଥିଲେ । ହୁଏତ ତାଙ୍କର ସମସ୍ତ ଦାସଙ୍କର ସ୍ୱଚ୍ଛଳତା ନ ଥାଇପାରେ ମାତ୍ର ସେ ସେମାନଙ୍କୁ ସଫଳ କରିବାରେ ବିଶ୍ୱସ୍ତ ହୋଇ ରହିଛନ୍ତି । ସେ ସେମାନଙ୍କୁ ସାନ୍ତ୍ୱନାବିହୀନ କରି ଛାଡ଼ି ନାହାନ୍ତି ।

୧୯୮୨ରେ, ମୁଁ ଚେନ୍ନାଇ ନିକଟସ୍ଥ ଗୋଟିଏ ଗ୍ରାମରେ ପ୍ରଚାର କରିବା ପାଇଁ ନିମନ୍ତ୍ରିତ ହୋଇଥିଲି । କାର୍ଯ୍ୟକ୍ରମଟି ସମଗ୍ର ଦିନ ପାଇଁ ଉଦ୍ଦିଷ୍ଟ ଥିଲା । ମୋତେ ଗୋଟିଏ ଟ୍ରେନ ଯୋଗେ ସେଠାକୁ ଯିବାକୁ ଥିଲା । ମୋର ଅଳ୍ପ କେତେଜଣ ସହକର୍ମୀ ପ୍ରାଥମିକ ଆୟୋଜନ ପାଇଁ ପୂର୍ବ ଦିନରୁ ସେଠାକୁ ଚାଲି ଯାଇଥିଲେ । ସେହି ନିର୍ଦ୍ଦିଷ୍ଟ ଦିନ, ଅତି ପ୍ରତ୍ୟୁଷରୁ ମୁଁ କାର୍ଯ୍ୟକ୍ରମ ପାଇଁ ନିଜକୁ ପ୍ରସ୍ତୁତ କରିଥିଲି ଓ ଅନେକ ପ୍ରାର୍ଥନା ପରେ ରେଳ ଷ୍ଟେସନକୁ ଯାଇଥିଲି । ମାତ୍ର ଅନେକ ଚେଷ୍ଟା ସତ୍ତ୍ୱେ, ମୁଁ ମୋର ଯାତ୍ରା ପାଇଁ ଆବଶ୍ୟକୀୟ ଅର୍ଥ ଯୋଗାଡ଼ କରି ପାରି ନ ଥିଲି । ଟ୍ରେନ ଟିକଟ, ଇତ୍ୟାଦି ପାଇଁ ମୋ' ପାଖରେ ଟଙ୍କା ନ ଥିଲା ।

ଯେତେବେଳେ ମୁଁ ରେଳ ଷ୍ଟେସନରେ ପହଞ୍ଚିଲି, ସେତେବେଳେ ସେହି ନିର୍ଦ୍ଦିଷ୍ଟ ଟ୍ରେନ୍ ପାଇଁ ଟିକଟ କିଣିବା ନିମନ୍ତେ ଲୋକମାନେ ଲମ୍ୱା ଧାଡ଼ିରେ ଠିଆ ହୋଇଥିବାର ଦେଖିଲି । ସେହି ଗ୍ରାମରେ, ସେହି କାର୍ଯ୍ୟକ୍ରମ ପାଇଁ ମୋ' ଉପସ୍ଥିତି ଅତି ଆବଶ୍ୟକ ଥିବାରୁ, ସେଠାକୁ ଯିବା ବ୍ୟତୀତ ମୋର ଆଉ ଅନ୍ୟ ଉପାୟ ନ ଥିଲା । ସେଥିପାଇଁ ମୁଁ ମଧ୍ୟ ଧାଡ଼ିରେ ଏପରି ଠିଆ ହେଲି, ଯେପରିକି ଅନ୍ୟମାନଙ୍କ ଭଳି ଟିକଟ କିଣିବା ପାଇଁ ମୋ' ପାଖରେ ଯଥେଷ୍ଟ ଅର୍ଥ ଅଛି । ମୋ' ଆତ୍ମାରେ, ମୁଁ ଏକ ଆଶ୍ଚର୍ଯ୍ୟକର୍ମ ପାଇଁ ଈଶ୍ୱରଙ୍କୁ ବିଶ୍ୱାସ କରୁଥିଲି ।

ଧାଡ଼ିଟି ଧୀରେ ଧୀରେ ଘୁଞ୍ଚୁଥିଲା । ମୋ' ଆଗରେ ଠିଆ ହୋଇଥିବା ଲୋକମାନେ ସେମାନଙ୍କ ଟଙ୍କା ମୁଣିକୁ ତତ୍ପରତାର ସହିତ ଖୋଲୁଥା'ନ୍ତି ଓ ଟଙ୍କା ଦେଇ ସାରିବା ପରେ ବଳକା ଟଙ୍କା ଫେରସ୍ତ ପାଉଥା'ନ୍ତି । ମାତ୍ର ମୁଁ ଈଶ୍ୱରଙ୍କର ଜଣେ ଅତି ସାଧାରଣ ଦାସ ଥିଲି ଓ ମୋର ପର୍ସ ଖାଲି ଥିଲା । ଟଙ୍କା ଦେଇ ଟିକଟ କିଣିବା ପାଇଁ ମୋର ପାଳି ଆସିଲେ, ମୁଁ କ'ଣ କରିବି, ତାହା ଜାଣି ନ ଥିଲି । ମୋର ହୃଦୟ ଜୋର୍‌ରେ ଧଡ଼୍ ଧଡ଼୍ ହେଉଥିଲା ।

ଶେଷରେ, ଟଙ୍କା ଦେଇ ଟିକଟ କିଣିବା ପାଇଁ ମୋର ପାଳି ପଡ଼ିଲା । ମୁଁ କ'ଣ କରିବି, ଜାଣି ପାରୁ ନ ଥିଲି । ଟିକଟ କାଉଣ୍ଟରରେ ବସିଥିବା ବ୍ୟକ୍ତି ମୋତେ ପଚାରିଲେ, "ଆପଣ କେଉଁଠାକୁ ଯିବାକୁ ଇଚ୍ଛା କରୁଛନ୍ତି ?" ଯେତେବେଳେ ମୁଁ ମୁଖ ଖୋଲି କହିଲି, "ମୁଁ ..." । ମୋର କଥା ଶେଷ ହେବା ପୂର୍ବରୁ, ମୁଁ ମୋର ପଛ ଆଡୁ ଗୋଟିଏ ସ୍ୱର ଶୁଣିଲି । ସେ ସେହି କିରାଣୀଙ୍କୁ କହୁଥିଲେ, "ମହାଶୟ, ଦୟାକରି ସେହି ବ୍ୟକ୍ତିଙ୍କଠାରୁ ଟଙ୍କା ନିଅନ୍ତୁ ନାହିଁ । ମୁଁ ମଧ୍ୟ ତାଙ୍କ ସହିତ ଯାତ୍ରା କରୁଛି । ମୁଁ ତାଙ୍କ ଟିକଟ ପାଇଁ ଟଙ୍କା ଦେଇଦେବି, ଦୟାକରି ତାଙ୍କଠାରୁ ଟଙ୍କା ନିଅନ୍ତୁ ନାହିଁ ...।" ଟିକଟ କାଉଣ୍ଟରରେ ବସିଥିବା କିରାଣୀ ଟଙ୍କା ନ ଦେବା ପାଇଁ ମୋତେ ଅନୁରୋଧ କଲେ, କାରଣ ସେହି ବ୍ୟକ୍ତି ତାଙ୍କର ବନ୍ଧୁ ଥିଲେ ।

ମୋର ହୃଦୟ ଖଣ୍ଡବିଖଣ୍ଡିତ ହୋଇଗଲା । ମୁଁ ନିଜକୁ ନିୟନ୍ତ୍ରଣ କରିପାରି ନ ଥିଲି । ମୁଁ ସେହି ସ୍ଥାନ ଛାଡ଼ି ଚାଲିଗଲି ଓ ମୋ' ପ୍ରଭୁଙ୍କର ମୋ' ପରି ଏକ ତୁଚ୍ଛ ଦାସ ପ୍ରତି ଥିବା ଯତ୍ନକୁ ଉପଲବ୍ଧି କରି, ମୁଁ ଛୋଟ ପିଲା ଭଳି କ୍ରନ୍ଦନ କରିଥିଲି । ଏହାପରେ ସେହି ଭାଇ ମୋର ଟିକଟ କିଣି ଦେଇଥିଲେ । ଆମେ ଏକତ୍ର ଯାତ୍ରା କରିଥିଲୁ ଓ ସେହି ଦିନ ମୋର ଦୁଃଖ ଓ ପ୍ରଭୁଙ୍କ ହସ୍ତକ୍ଷେପ ବିଷୟରେ ତାଙ୍କୁ କହିଥିଲି । ସେ ମଧ୍ୟ ଅଶ୍ରୁପୂର୍ଣ୍ଣ ହୋଇଥିଲେ ଓ ଈଶ୍ୱରଙ୍କୁ ଧନ୍ୟବାଦ ଦେଇଥିଲେ । ଈଶ୍ୱର ସେହି ଦିନର କାର୍ଯ୍ୟକ୍ରମ ଉପରେ ବହୁଳ ଆଶୀର୍ବାଦ କରିଥିଲେ ।

ପ୍ରିୟ ପାଠକ, ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆପଣଙ୍କ ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ ମଧ୍ୟ ଯଥେଷ୍ଟ ଅଟନ୍ତି । ଯଦି ପ୍ରଭୁ ଆପଣଙ୍କୁ ତାଙ୍କ ସେବାକାର୍ଯ୍ୟ ପାଇଁ ଆହ୍ୱାନ କରିଛନ୍ତି, ତେବେ କୁଣ୍ଠିତ ହୁଅନ୍ତୁ ନାହିଁ କିମ୍ବା ବିଳମ୍ବ କରନ୍ତୁ ନାହିଁ ।

**ସେ ଆପଣଙ୍କୁ ସାନ୍ତ୍ୱନାବିହୀନ କରି ଛାଡ଼ିବେ ନାହିଁ (ଯୋହନ ୧୪:୧୮) ।**

★★★

*(ଅବଶିଷ୍ଟାଂଶ ୬ଷ୍ଠ ପୃଷ୍ଠାରେ)*

ବିବାହ କରିଥିଲେ ଓ ପରେ ତାଙ୍କୁ ଓ ତାଙ୍କର ପୁତ୍ରଙ୍କୁ ପରିତ୍ୟାଗ କରିଥିଲେ ତଥାପି ଈଶ୍ୱର ତାଙ୍କର ମନୋନୟନ ପ୍ରତି ବିଶ୍ୱସ୍ତ ରହିଥିଲେ ।

ଆପଣ ଯିଏ ହୋଇଥାନ୍ତୁ ନା' କାହିଁକି – ଈଶ୍ୱର ବିଶ୍ୱସ୍ତ ରହିବେ ।

## ଖ. ମୋଶା

ଯେତେବେଳେ ମୋଶା ସମସ୍ତ ଆତ୍ମ-ବିଶ୍ୱାସ ଓ ଲକ୍ଷ୍ୟ ହରାଇ ଦେଇଥିଲେ, ସେତେବେଳେ ଈଶ୍ୱର ତାଙ୍କୁ ଆହ୍ୱାନ କରିଥିଲେ । ସେ ନିଜକୁ ଆଉ ନେତୃତ୍ୱର ଯୋଗ୍ୟ ବୋଲି ଭାବୁ ନ ଥିଲେ । ଗୋଟିଏ ମେଷପାଳକ ଭାବରେ ସନ୍ତୁଷ୍ଟ ରହିଥିବା ମୋଶା ପ୍ରଜ୍ୱଳିତ ବୁଦା ନିକଟରେ ଈଶ୍ୱରଙ୍କ ସମ୍ମୁଖୀନ ହୋଇଥିଲେ ଓ ବିଭିନ୍ନ ପ୍ରକାର ବାହାନା ଦେଖାଇଥିଲେ (ଯାତ୍ରା ୩ ଓ ୪) ।

ଆମ ମଧ୍ୟରୁ କେତେଜଣ ଆମ ଜୀବନ ନିମନ୍ତେ ଥିବା ଈଶ୍ୱରଙ୍କ ଉଦ୍ଦେଶ୍ୟକୁ ଗ୍ରହଣ କରିବା ପରିବର୍ତ୍ତେ ବିଭିନ୍ନ ପ୍ରକାର ଆଳ ଦେଖାଇ ସେହି ସମାନ କାର୍ଯ୍ୟ କରୁଥାଉ ?

ମୋଶାଙ୍କର ଆତ୍ମ-ଦୃଷ୍ଟିକୋଣ ଓ ତାଙ୍କ ବିଷୟରେ ଈଶ୍ୱରଙ୍କର ଦୃଷ୍ଟିକୋଣ ମଧ୍ୟରେ ଥିବା ତୀକ୍ଷ୍ଣ ପାର୍ଥକ୍ୟକୁ ଲକ୍ଷ୍ୟ କରନ୍ତୁ :

ଯାତ୍ରା ୩:୧୧ - **"... ମୁଁ କିଏ ଯେ, ଫାରୋଙ୍କ ନିକଟକୁ ଯାଇ ମିସର ଦେଶରୁ ଇସ୍ରାଏଲ ସନ୍ତାନମାନଙ୍କୁ ବାହାର କରି ଆଣିବି ?"**

ଯାତ୍ରା ୪:୧ - **"ଦେଖନ୍ତୁ, ସେମାନେ ମୋତେ ପ୍ରତ୍ୟୟ କରିବେ ନାହିଁ ଓ ମୋ' ରବରେ ମନୋଯୋଗ କରିବେ ନାହିଁ ... ।"**

ଯାତ୍ରା ୪:୧୦ - **"... ମୁଁ ବାକ୍ୟରେ ଧୀର ଓ ଜଡ଼ ଜିହ୍ୱା ଅଟେ ।"**

ଯାତ୍ରା ୪:୧୩ - **"ହେ ପ୍ରଭୁ, ମୁଁ ବିନୟ କରୁଅଛି, ଯାହାଦ୍ୱାରା ପଠାଯିବାର ହୁଏ, ତାହା ଦ୍ୱାରା ପଠାଅ ।"** ଏହା ମୋଶାଙ୍କର ଆତ୍ମ-ଦୃଷ୍ଟିକୋଣକୁ ପ୍ରତିଫଳିତ କରେ - କୁଣ୍ଠିତ, ଅସୁରକ୍ଷିତ ଓ ଅଯୋଗ୍ୟ ।

ମାତ୍ର ବର୍ତ୍ତମାନ ଈଶ୍ୱରଙ୍କ ଦୃଷ୍ଟିକୋଣକୁ ବିଚାର କରନ୍ତୁ ।

ଯାତ୍ରା ୩:୧୦ - **"ଏଣୁ ଏବେ ଆସ, ଆମ୍ଭେ ତୁମ୍ଭକୁ ଫାରୋ ନିକଟକୁ ପ୍ରେରଣ କରିବା, ତୁମ୍ଭେ ମିସରଠାରୁ ଆମ୍ଭର ଲୋକ ଇସ୍ରାଏଲ ସନ୍ତାନଗଣଙ୍କୁ ବାହାର କରି ଆଣିବ ।"**

ଈଶ୍ୱର ମୋଶାଙ୍କୁ ତାଙ୍କ ଲୋକମାନଙ୍କର ଏକ ରକ୍ଷାକର୍ତ୍ତା, ନେତା, ସୁରକ୍ଷାଦାତା ଓ ଉଦ୍ଧାରକର୍ତ୍ତା ଭାବରେ ଦେଖିଥିଲେ । ମୋଶା ନିଜକୁ ସନ୍ଦେହ କରୁଥିବା ସମୟରେ, ଈଶ୍ୱର ତାଙ୍କ ଉପରେ ଏକ ସ୍ୱର୍ଗୀୟ କାର୍ଯ୍ୟ ନ୍ୟସ୍ତ କରିଥିଲେ । ହୁଏତ, ଆପଣ ଏହାକୁ ପଢୁଥିବା ସମୟରେ, ଈଶ୍ୱର ଆପଣଙ୍କ ନିଜର ସୀମିତ ଦୃଷ୍ଟିକୋଣ ମଧ୍ୟରୁ କିଛି ବିଷୟକୁ ବିରୋଧ କରୁଛନ୍ତି । ଏହା ଈଶ୍ୱରଙ୍କ ଦୃଷ୍ଟିକୋଣ ମାଧ୍ୟମରେ ନିଜକୁ ଦେଖିବା ଆରମ୍ଭ କରିବାର ସମୟ ଅଟେ ।

ଈଶ୍ୱରଙ୍କୁ ସୀମିତ କରନ୍ତୁ ନାହିଁ । ଈଶ୍ୱର ମୋଶାଙ୍କୁ ଆହ୍ୱାନ କରିବା ସମୟରେ ସେ ୮୦ ବର୍ଷ ବୟସ୍କ ଥିଲେ । ଈଶ୍ୱରଙ୍କ ସମୟ ମାନବ ପ୍ରତ୍ୟାଶା ସହିତ ପ୍ରାୟ ମେଳ ଖାଏ ନାହିଁ ।

ନିଜର ଅଯୋଗ୍ୟତା ସମ୍ବନ୍ଧୀୟ ମୋଶାଙ୍କର ଦୃଷ୍ଟି ଏପରି ମଞ୍ଚରେ ପରିଣତ ହୋଇଥିଲା ଯାହା ଉପରେ ଈଶ୍ୱରଙ୍କ ଶକ୍ତି ପ୍ରଦର୍ଶିତ ହୋଇଥିଲା । ମୁଖ୍ୟ ବିଷୟ ଥିଲା ସମର୍ପଣ - ତାଙ୍କ ଚରଣ ତଳେ ସବୁ କିଛି ରଖିଦେବା ।

## ଗ. ଦାଉଦ



***ଈଶ୍ୱର ଦାଉଦଙ୍କୁ ତାଙ୍କ ହୃଦୟ ପାଇଁ ମନୋନୀତ କରିଥିଲେ ।***

ଦାଉଦ କୌଣସି ପ୍ରସିଦ୍ଧ ପରିବାରରୁ ଆସି ନ ଥିଲେ । ତାଙ୍କର କୌଣସି ସମ୍ମାନଜନକ ପୃଷ୍ଠଭୂମି ନ ଥିଲା ଓ ସେ ନିଜ ପରିବାର ଦ୍ୱାରା ମଧ୍ୟ ଅବହେଳିତ ହୋଇଥିଲେ । ଅଭିଷିକ୍ତ ହେବା ସତ୍ତ୍ୱେ, କନିଷ୍ଠ ପୁତ୍ର ଭାବରେ ତାଙ୍କୁ ଅଣଦେଖା କରାଯାଉଥିଲା ଓ ସେ ପ୍ରାୟ ବିସ୍ମୃତ ହେଉଥିଲେ - ତଥାପି ସେ ଇସ୍ରାଏଲର ସର୍ବଶ୍ରେଷ୍ଠ ରାଜା ହୋଇଥିଲେ ।

**"ଈଶ୍ୱର ଦାଉଦଙ୍କୁ ତାଙ୍କ ଚେହେରା କିମ୍ବା ସ୍ଥିତି ନିମନ୍ତେ ମନୋନୀତ କରି ନ ଥିଲେ, ସେ ତାଙ୍କୁ ତାଙ୍କ ହୃଦୟ ନିମନ୍ତେ ମନୋନୀତ କରିଥିଲେ" (୧ ଶାମୁୟେଲ ୧୬:୭) ।**

ଏପରିକି ଯେତେବେଳେ ଦାଉଦ ଗୁରୁତର ଭାବରେ ପାପ କରିଥିଲେ ଓ ଈଶ୍ୱର ତାଙ୍କ ପୁତ୍ରକୁ ମୃତ୍ୟୁ ପ୍ରଦାନ ଦ୍ୱାରା ତାଙ୍କୁ ଦଣ୍ଡିତ କରିଥିଲେ, ସେତେବେଳେ ମଧ୍ୟ ସେ ଦୟା ଦେଖାଇଥିଲେ । ପୁଣି ଦାଉଦ ଅନୁତାପ କରିବା ପରେ, ତାଙ୍କ ପ୍ରତି ବିଶ୍ୱସ୍ତ ରହିଥିଲେ । ଈଶ୍ୱର ନିଜର ପ୍ରେମକୁ ପ୍ରତ୍ୟାହାର କରି ନ ଥିଲେ । ସେ ଦାଉଦଙ୍କୁ ମନୋନୀତ କରିଥିଲେ ।

## ଘ. ଶିଷ୍ୟମାନେ

ବାରଜଣ ଶିଷ୍ୟ ଭିନ୍ନ ଭିନ୍ନ ଓ ପ୍ରାୟତଃ, ଅତି ସାଧାରଣ ପୃଷ୍ଠଭୂମିରୁ ଆସିଥିଲେ - ମାଥିଉ ଜରେ କର ଆଦାୟକାରୀ, ଶିମୋନ ଜଣେ ଉଦ୍‌ଯୋଗୀ ଦେଶପ୍ରେମୀ ଓ ଅନେକ ଶିଷ୍ୟ ଅଶିକ୍ଷିତ ମାଛ ଧରାଳୀ ଥିଲେ । ଏମାନେ ଅତି ସାଧାରଣ ଲୋକ, ତ୍ରୁଟିପୂର୍ଣ୍ଣ ଓ ପ୍ରାୟତଃ ବିଫଳ ଥିଲେ ବୋଲି ସୁସମାଚାର ଗୁଡ଼ିକରେ ଦର୍ଶାଯାଇଛି ।

ତଥାପି, ଯୀଶୁ ଖ୍ରୀଷ୍ଟ ତାଙ୍କ ଆହ୍ୱାନକୁ ପ୍ରତ୍ୟାହାର କରି ନ ଥିଲେ । ପ୍ରେରିତ ପୁସ୍ତକରେ ଆମେ ପେଣ୍ଟିକଷ୍ଟ ପରେ, ସାଧାରଣ ଲୋକମାନଙ୍କ ମାଧ୍ୟମରେ ଈଶ୍ୱରଙ୍କ ଶକ୍ତି ପ୍ରକାଶିତ ହେବାର ଓ ଏକ ଘୋର ପରିବର୍ତ୍ତନ ଘଟିବାର ଦେଖୁ ।

***ପ୍ରିୟ ବନ୍ଧୁଗଣ,***

ଆମେ ଆମର ଯୋଗ୍ୟତା ଯୋଗୁ ନୁହେଁ, ମାତ୍ର ଈଶ୍ୱରଙ୍କ ସାର୍ବଭୌମ ଇଚ୍ଛା ଓ ଅଶେଷ ପ୍ରେମ ଯୋଗୁ ମନୋନୀତ ହୋଇଅଛୁ । ତାଙ୍କର ମନୋନୟନ ମାନବିକ ଯୁକ୍ତିର ଉର୍ଦ୍ଧ୍ୱରେ ।

ସେ ନିଜର ଶକ୍ତି ପ୍ରଦର୍ଶନ କରିବା ପାଇଁ ଦୁର୍ବଳମାନଙ୍କୁ ମନୋନୀତ କରନ୍ତି । ସେ ଜ୍ଞାନୀମାନଙ୍କୁ ଲଜ୍ଜା ଦେବା ପାଇଁ ମୂର୍ଖମାନଙ୍କୁ ମନୋନୀତ କରନ୍ତି । ସେ ନ ଥିବା ବସ୍ତୁକୁ ଥିବା ବସ୍ତୁ ପରି ଡାକନ୍ତି । ସେ ଆମ ମାଗିବା କିମ୍ବା ଭାବିବା ଅପେକ୍ଷା ଅତ୍ୟଧିକ କରିପାରନ୍ତି ।

ତାହା ହିଁ ଆମ ଈଶ୍ୱରଙ୍କ ଶକ୍ତି ଅଟେ ।

ସେ ନିଜ ଗୌରବ ନିମନ୍ତେ ଯେ କୌଣସି ବ୍ୟକ୍ତିକୁ ବ୍ୟବହାର କରି ପାରନ୍ତି । ତାଙ୍କର ମନୋନୟନ ଉଦ୍ଦେଶ୍ୟମୂଳକ ଅଟେ ।

ମନେରଖନ୍ତୁ : ଆପଣ ଈଶ୍ୱରଙ୍କ ଦ୍ୱାରା ମନୋନୀତ ଅଟନ୍ତି ।

ହସ୍ତ ଦ୍ୱାରା ବଛା ଯାଇଛନ୍ତି । ଉଦ୍ଦେଶ୍ୟମୂଳକ ଭାବରେ ଏକ ସ୍ୱର୍ଗୀୟ ଉଦ୍ଦେଶ୍ୟ ନିମନ୍ତେ ମନୋନୀତ - ଫଳଧାରଣ କରିବା ନିମନ୍ତେ ମନୋନୀତ ହୋଇଛନ୍ତି । ଈଶ୍ୱର ଏପରି ଏକ ଜୀବନ ଆଶା କରୁଛନ୍ତି ଯାହା ଫଳ ଉତ୍ପନ୍ନ କରେ ।

ଈଶ୍ୱର ଯେପରି ତାଙ୍କର ଗୌରବ ନିମନ୍ତେ ଫଳ ଧାରଣ କରୁଥିବା ଜୀବନ କାଟିବା ପାଇଁ ଶକ୍ତି ଦେବେ, ଏଥିପାଇଁ ମୁଁ ପ୍ରାର୍ଥନା କରୁଅଛି । କାରଣ ସେ ଯେତେବେଳେ ପ୍ରତ୍ୟାବର୍ତ୍ତନ କରିବେ, ସେତେବେଳେ ଫଳ ଅନ୍ୱେଷଣ କରିବେ ।

************

**ଖ୍ରୀଷ୍ଟିଆନ କାର୍ଯ୍ୟାଳୟ ପାଇଁ ଜରୁରୀ ଆବଶ୍ୟକ**

**୧. କମ୍ପ୍ୟୁଟର ଅପରେଟରମାନେ**

**୨. ପ୍ରିଣ୍ଟିଂ ଅପରେଟରମାନେ**

ଯୋଗାଯୋଗ : (+91) 98412 71858, E.mail : sam@echoofhiscall.org

**ବିଜ୍ଞାପନ**

ଆପଣମାନଙ୍କର ମୋବାଇଲ ଫୋନ୍‌ରେ ଆମର ମୋବାଇଲ ନମ୍ବରଗୁଡ଼ିକୁ
(୯୧-୯୮୪୧୦୭୧୮୫୮),
(୯୧-୯୮୪୧୨୭୧୮୫୮)
(ମୁଖ୍ୟ ନମ୍ବର) - ସଂରକ୍ଷିତ ରଖନ୍ତୁ ।

ସମ୍ପାଦକ

Posted at "Egmore RMS Patrika Channel" RNI NO. 70105/98, Postal Regn. No. TN/CH/(C)/198/24-26 WPP NO. TN/PMG(CCR)/WPP-265/24-26

## ଆହ୍ୱାନର ପ୍ରତିଧ୍ୱନି

**YouTube**
Please subscribe

ଦୟାକରି ଆପଣଙ୍କ ସମୟ ଅନୁସାରେ ''ଆହ୍ୱାନର ପ୍ରତିଧ୍ୱନି ୟୁ-ଟ୍ୟୁବ୍ ଚ୍ୟାନେଲ୍ ଦେଖନ୍ତୁ ଓ ଏହାର ସଭ୍ୟ ହୁଅନ୍ତୁ ।

–ସଂପାଦକ –

## OUR BANK DETAILS:

### *1. Bank : State Bank of India*

Branch : **Triplicane, Chennai-5**
Name : **S. Sam Selva Raj**
A/C No. : **1023 2934 679**
IFSC : **SBIN 00 00 249**
SWIFT CODE : **SBI NIN BB 455**

### *2. Bank : ICICI Bank*

Branch : **Anna Salai, Chennai-6**
Name : **Echo of His Call**
A/C No. : **6038 0502 2319**
IFSC : **ICIC 000 6038**

### *3. Bank : State Bank of India*

**(This Account is for Tax Exemption for Indians only )**

Branch : **Triplicane, Chennai-5**
Name : **Echo of His Call Educational Trust**
A/C No. : **1023 2923 805**
IFSC : **SBIN 00 00 249**

**Google Pay: 98410 71858**
**PayPal : SAM SELVA RAJ**
*****
**E.mail : sam@echoofhiscall.org**

# ଆହ୍ୱାନର ପ୍ରତିଧ୍ୱନି

୧୬ଟି ଭାଷାରେ ମାସିକ ପତ୍ରିକା, ବାଇବଲ କଲେଜ, ଡାକ ମାଧମରେ ପାଠ୍ୟକ୍ରମ, ମଣ୍ଡଳୀ ପ୍ରତିଷ୍ଠା, ଗ୍ରାମ୍ୟ ଇଂରାଜୀ ଉଚ୍ଚ ବିଦ୍ୟାଳୟ, ସୁସମାଚାର ଛାପାକଳ, ସୁସମାଚାର ପ୍ରଚାର ଅଭିଯାନ, ଶିକ୍ଷାଧିବେଶନ, ସାମାଜିକ ସେବା, ଇତ୍ୟାଦି ।

**ବାର୍ଷିକ ଦେୟ – ଟ. ୧୦୦/–** **ଆଜୀବନ ସଭ୍ୟଚାନ୍ଦା – ଟଙ୍କା ୨୦୦୦**

ଆହ୍ୱାନର ପ୍ରତିଧ୍ୱନି ବହୁମୁଖୀ ସେବାକାର୍ଯ୍ୟ ଆପଣଙ୍କ ଭଳି ଈଶ୍ୱରଙ୍କ ସନ୍ତାନମାନଙ୍କର ସ୍ୱେଚ୍ଛାଦାନ ଓ ଚାନ୍ଦା ଦ୍ୱାରା ସାହାଯ୍ୟପ୍ରାପ୍ତ ଅଟେ । ପ୍ରଭୁଙ୍କ ଚାଳନା ଅନୁସାରେ ଆପଣ 'ଆହ୍ୱାନର ପ୍ରତିଧ୍ୱନି' ଓ ଏହା କାର୍ଯ୍ୟ କଳାପକୁ ସହାୟତା ଦେଇପାରିବେ । ଆମେ ସୁସମାଚାର ପାଇ ନ ଥିବା ଲୋକମାନଙ୍କ ନିକଟରେ ଏହାକୁ ପହଞ୍ଚାଇବା ପାଇଁ ଓ ମଣ୍ଡଳୀ ପ୍ରତିଷ୍ଠା କରିବା ପାଇଁ ଆପଣମାନଙ୍କର ସାହାଯ୍ୟ ଆବଶ୍ୟକ କରୁଅଛୁ ।

ଯଦି ଆପଣମାନେ ନିୟମିତ ଭାବରେ ''ଆହ୍ୱାନର ପ୍ରତିଧ୍ୱନି'' ପାଇବାକୁ ଚାହୁଁଛନ୍ତି, ତେବେ ଦୟାକରି ଆମକୁ ଲେଖନ୍ତୁ । ଆପଣମାନେ ଆପଣମାନଙ୍କର ଠିକଣା କିମ୍ବା ଇ-ମେଲ୍ ପରିବର୍ତ୍ତନ କଲେ, ଦୟାକରି ଆମକୁ ଉଭୟ ପୁରୁଣା ଓ ନୂଆ ଠିକଣା ପଠାଇବେ ।

ଆମର ୱେବସାଇଟରେ ମଧ ''ଆହ୍ୱାନର ପ୍ରତିଧ୍ୱନି'' ୧୬ଟି ଭାଷାରେ ଉପଲବ୍ଧ ଅଟେ । ଆପଣମାନେ ସେହି ସାଇଟ୍‌ରେ ଏହାକୁ ପଢ଼ିପାରିବେ କିମ୍ବା ଏହାକୁ ଡାଉନ୍‌ଲୋଡ୍ କରି ଆଶୀର୍ବାଦ ପାଇପାରିବେ ।

ଆପଣମାନଙ୍କର ପତ୍ର, ପ୍ରାର୍ଥନା ଅନୁରୋଧ ଓ ଆପଣଙ୍କ ଅର୍ଥ ସାହାଯ୍ୟ (Money order, Cheque or Demand Drafts, NEFT, Paypal (Sam Selva Raj, sam@echoofhiscall.org), PhonePe (9841071858), Gpay (9841071858), Western Union, Money Gram ଇତ୍ୟାଦି ନିମ୍ନଲିଖିତ ଠିକଣାରେ ''ଆହ୍ୱାନର ପ୍ରତିଧ୍ୱନି'' କାର୍ଯ୍ୟାଳୟକୁ ପେରଣ କରନ୍ତୁ ।

ଦୟାକରି ଆପଣଙ୍କର ନୂତନ ଲ୍ୟାଣ୍ଡ ଫୋନ/ମୋବାଇଲ୍ ଫୋନ୍ ନମ୍ବର ଓ ଇ-ମେଲ ଠିକଣା ଜଣାନ୍ତୁ ।

**ଆମର ଠିକଣା :**

**ECHO OF HIS CALL**

10, MOHAMMED ABDULLAH 2ND STREET, CHEPAUK, CHENNAI - 600 005, INDIA
PH: (+91-44) 2852 8282, 2852 9293, 2854 7766/ Cell: (+91) 98410 71852, 95661 31858 / E.mails: sam@echoofhiscall.org / biblecor@yahoo.co.in
Websites: www.echoofhiscall.org / www.stpaulsmatriculation.org

**YOU CAN SEND YOUR DONATION ONLINE ALSO**

**Regd. with the RNI No. 70105/98**
**Licenced to post without pre-payment**
**Postal Regn. No. TN/CH (C) /198/24-26**
**Licence No. WPP. No. TN/PMG(CCR)/WPP-265/24-26**
**Date of Publication: Third week of every month**
**Date of Posting : 17th & 18th of every month**
**Posted at "Egmore RMS Patrika Channel"**
**on 18th JULY 2025.**
**If un-delivered please return to:**
**ECHO OF HIS CALL (ODIA)**
**P.O. Box No. 2957, Chepauk, Chennai - 600 005, INDIA.**
**Phone: (+ 91- 44) 2852 8282, 2852 9293, 2854 7766**

***JESUS LOVES YOU!***

**To**

*GOD BLESS YOU!*

Owned and published by **S. Sam Selva Raj** from New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005 and printed by **S. Sam Selva Raj** at **Echo of His Call Printers**, New No. 8 & 10, Old No.18 & 19, Mohammed Abdullah 2nd Street, Chepauk, Chennai-600 005. Editor: **S. Sam Selva Raj.**